## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୪ ବଖରା ଭସ୍ମୀଭୂତ

ପଟ୍ଟାମୁଣ୍ଡାଇ, ୧୫।୬ (ସ୍ୱ.ପ୍ର): ଶୁକ୍ରବାର ବିଳମ୍ବିତ ରାତିରେ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ଚନ୍ଦନନଗର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦମୟନ୍ତୀ ପ୍ରଧାନ ଓ ଚନ୍ଦ୍ରକାନ୍ତି ପ୍ରଧାନଙ୍କ ଚାରି ବଖରା ପୋଡି ପାଉଁଶ ହୋଇଯାଇଛି । ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ଓ ପାଖରେ ଥିବା ଷ୍ଟେସନାରୀ ଦୋକାନ ପୋଡି ଯାଇଛି । ଅଗ୍ନିବିପନ୍ନ ପରିବାରଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଚନ୍ଦନନଗର ସରପଞ୍ଚ ବନ୍ଦିତା ଦାସ ଓ ଗ୍ରାମବାସୀ ଦାବି କରିଛନ୍ତି । ଖବର ପାଇ ଶନିବାର ସନ୍ଧ୍ୟାରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

### ଆଳି ଗାନ୍ଧୀ ସହଦେବ ଦାସଙ୍କ ଶ୍ରାଦ୍ଧୋତ୍ସବ ପାଳିତ



ଆଳି,୧୫।୬(ଡି.ଏନ.ଏ):ଆଳି ଗାନ୍ଧୀ ଭାବେ ପରିଚିତ ସ୍ୱାଧୀନତା ସଂଗ୍ରାମୀ,ସମାଜସେବୀ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ସହଦେବ ଦାସଙ୍କର ୫୮ ତମ ଶ୍ରାଦ୍ଧୋତ୍ସବ ଶନିବାର ପାଳିତ ହୋଇଯାଇଛି । ନମୌଜା ପୁରାତନ ଛାତ୍ରସଂସଦ ଏବଂ ଆଳି ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ନୂଆଗାଁ ଉଚ୍ଚ ମୌଳିକ ବିଦ୍ୟାଳୟ ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆଳି ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସଭାପତି ତଥା ପୂର୍ବତନ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା,ଶିକ୍ଷାବିତ କେଶବ ଚନ୍ଦ୍ର ବେହେରା,ଗାଳ୍ପିକ ଗୋବିନ୍ଦଚନ୍ଦ୍ର ନନ୍ଦ,ମାନଗୋବିନ୍ଦ ଦାସ, ବିଦ୍ୟାଧର ପଣ୍ଡା, ବୀରେନ୍ଦ୍ର କୁମାର ପଣ୍ଡା, ମଧୁସୂଦନ ଦାସ, ତ୍ରୈଲୋକ୍ୟ ନାଥ ପଣ୍ଡା,ନୂଆଗାଁ ଉଚ୍ଚ ମୌଳିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ମହାନ୍ତି, ବୃନ୍ଦାବନ ପଣ୍ଡା,ବିଷ୍ଣୁ ଦାଶ ପ୍ରମୁଖ ସକାଳେ ସ୍ୱର୍ଗତ ଦାସଙ୍କର ଜନ୍ମସ୍ଥାନ ନୂଆଗାଁ ଯାଇ ତାଙ୍କର ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ୱର୍ଗତ ଦାସ ନିଜେ ପ୍ରତିଷ୍ଠା କରିଥିବା ନୂଆଗାଁ ମୌଳିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ଓ ଅନ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେହିପରି ବଡାମ୍ବିଳା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ସହଦେବ ଦାସ ଓ ପୂର୍ବତନ ସରପଞ୍ଚ ନରହରି ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଆଳି ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ,ସରପଞ୍ଚ ଭରତ ସେଠୀ,ସମିତିସଭ୍ୟା ମମତା ତରାଇ,ବ୍ରହ୍ମାନନ୍ଦ ମହାନ୍ତି,ବିଜୟ ମହି, ମାନସ ମହାନ୍ତି ପ୍ରମୁଖ ମାଲ୍ୟାର୍ପଣ କରି ଥିଲେ । ଅପରାହ୍ନରେ ବେତା ଗ୍ରାମରେ ସହଦେବ ଦାସଙ୍କ ଉଦ୍ଦେଶ୍ୟରେ ହୋଇଥିବା ସ୍ମୃତିସଭାରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ସମେତ ଅନ୍ୟମାନେ ଯୋଗଦେଇ ସ୍ୱର୍ଗତ ଦାସଙ୍କର ତ୍ୟାଗପୂତ ଜୀବନୀ ଉପରେ ଆଲୋକପାତ କରିଥିଲେ ।

# ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି ପ୍ଲାଷ୍ଟିକ,ପଲିଥିନ

- ପ୍ଲାଷ୍ଟିକ ସାମଗ୍ରୀ ପୁନର୍ବାର ବ୍ୟବହାର ନ କରିବାକୁ ପରାମର୍ଶ
- ଗୋବରୀ ନଦୀ ଓ କେନାଲରେ କୁଢ଼କୁଢ଼ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ
- ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ନିୟମକୁ ମାନୁନାହାନ୍ତି

କେନ୍ଦ୍ରାପଡା ଅଫିସ, ୧୫।୬

ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ)ର ଛାଟ ପରେ ଜିଲା ପ୍ରଶାସନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରତି ବିଶେଷ ଦୃଷ୍ଟି ଦେଇଛି । ସହରାଞ୍ଚଳରେ କମ୍ପୋଷ୍ଟ ପ୍ଲାଣ୍ଟ, ବର୍ଜ୍ୟବସ୍ତୁର ପୁନଃ ଉପଯୋଗିତା ପ୍ଲାଣ୍ଟ, ସାନିଟାରି ଲ୍ୟାଣ୍ଡଫିଲ ଓ ଖାଲୁଆ ସ୍ଥାନ ଆଦି ଚିହ୍ନଟ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏନେଇ ଆସନ୍ତା ୨୦ସୁଦ୍ଧା ନଗର ଓ ଗୃହ ଉନ୍ନୟନ ବିଭାଗକୁ ଜଣାଇବାକୁ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ନିର୍ବାହୀ ଅଧିକାରୀଙ୍କୁ ଜୁନ୍ ୧୧ରେ ଆୟୋଜିତ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ସହର ମଧ୍ୟରେ ପ୍ଲାଷ୍ଟିକ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସହରାଞ୍ଚଳରେ ଏନେଇ ପୌର କର୍ତ୍ତୃପକ୍ଷ ସଚେତନ କରାଉଛନ୍ତି । ଜନସାଧାରଣ ପ୍ଲାଷ୍ଟିକ ବ୍ୟବହାରକୁ କମ୍ କରିବା, ଏହି ସାମଗ୍ରୀକୁ ପୁନର୍ବାର ଗ୍ରହଣ ଓ ବ୍ୟବହାର ନ କରିବାକୁ ଗୁରୁତ୍ୱ ଦିଆଯାଉଛି ।

ସହରର ପ୍ରତ୍ୟେକ ଡ୍ରେନ, ଗଳିକନ୍ଦି, ଗୋବରୀ ନଦୀ, ଗୋବରୀ କେନାଲରେ କୁଢ଼ ହୋଇଥିବା ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ପରିବେଶକୁ ନଷ୍ଟ କରୁଛି । ବ୍ୟବସାୟୀ ପଲିଥିନ ବ୍ୟବହାର କରୁଥିବା ବେଳେ ଜନସାଧାରଣ ଏଥିପ୍ରତି ସଚେତନ ହେଉନାହାନ୍ତି । ଗୋବରୀ ନଦୀ ଓ କେନାଲରେ କୁଢ଼କୁଢ଼ ପ୍ଲାଷ୍ଟିକ ସାମଗ୍ରୀ ଦେଖିବାକୁ ମିଳୁଛି । ବର୍ଜ୍ୟବସ୍ତୁରେ ଏହି ଦୁଇ ଜଳପଥ ପୋତି ହୋଇ ଯାଇଥିବା ବେଳେ ସହରର ଡ୍ରେନରେ ଏହି ସାମଗ୍ରୀ ପଡି ଜଳ ନିଷ୍କାସନକୁ ରୋକୁଛି । ପ୍ଲାଷ୍ଟିକ ଓ ପଲିଥିନ ପରିବେଶ ପାଇଁ ବିପଦ ସୃଷ୍ଟି କରୁଥିବାରୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲର ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଓ ଜନସଚେତନତା ସୃଷ୍ଟି କରିବାକୁ ବୁଦ୍ଧିଜୀବୀମାନେ ଗୁରୁତ୍ୱ ଦେଉଛନ୍ତି । ଏହାଦ୍ୱାରା ସହର ପ୍ରଦୂଷଣ ମୁକ୍ତ ହୋଇପାରିବ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଖଡିଅଙ୍ଗର ମନୋଜ କୁମାର ସିଂହ କୁହନ୍ତି, ୧୫୦ ବର୍ଷର ପୁରୁଣା ଏହି ପୌରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନାକୁ ନଜର ଦିଆଯାଉନାହିଁ । ପୂର୍ବରୁ ଗୋବରୀ ନଦୀ ଓ ଗୋବରୀ କେନାଲ ଜଳକୁ ସ୍ନାନ ଶୌଚ ଆଦିରେ ବ୍ୟବହାର କରାଯାଉଥିଲା । ଏବେ ଏହି ଦୁଇ ଜଳପଥ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଯାଇଛି । ସହରର ବର୍ଜ୍ୟବସ୍ତୁ ଭାବେ ଏଠାରେ ପ୍ଲାଷ୍ଟିକର କୁଢ଼ ସବୁ ଦେଖିବାକୁ ମିଳୁଛି । ଏହି ପ୍ରଦୂଷିତ ଜଳରେ ସ୍ନାନ ପରେ ଦେହହାତ କୁଣ୍ଡାଇ ହେଉଛି ବୋଲି ମନୋଜ କହିଛନ୍ତି । ସାମାଜିକ କର୍ମୀ ଅମରବର ବିଶ୍ୱାଳଙ୍କ କହିବାନୁସାରେ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରାପଡା ସହର ପାଇଁ ସମସ୍ୟା ସୃଷ୍ଟି କରିଛି । ଜଣେ ଦିନକୁ ହାରାହାରି ୫୦୦ ଗ୍ରାମ ଜୈବିକ ଓ ଅଜୈବିକ (ପ୍ଲାଷ୍ଟିକ ଆଦି) ବର୍ଜବସ୍ତୁ ନିଷ୍କାସନ କରୁଥିବା ବେଳେ ମାସକୁ ସହରରେ ୭୫ ମେଟ୍ରିକ ଟନ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି । ନ୍ୟାଶନାଲ ଗ୍ରୀନ ଟ୍ରିବୁନାଲ ଏନେଇ ଚିନ୍ତା ପ୍ରକଟ କରି ୨୦୧୬ରେ ଏକ ନିୟମ ଜାରି କରିଥିଲେ । ଏହି ନିୟମ ଅନୁଯାୟୀ, ମାଟିରେ ପ୍ଲାଷ୍ଟିକ ପଦାର୍ଥ ଶହଶହ ବର୍ଷ ଧରି ମିଶି ପାରୁ ନ ଥିବାରୁ କମ୍ ବ୍ୟବହାର ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ମାତ୍ର କିଛିଦିନ ପରେ ଏହି ନିୟମ କାର୍ଯ୍ୟକାରୀ ନ ହେବାରୁ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମନ୍ଦିରରେ ପ୍ଲାଷ୍ଟିକ ଥଳିର ବ୍ୟବହାର ବୃଦ୍ଧି ପାଉଛି । ପରିବେଶବିତ୍ ସେକ୍ ଚାନ୍ଦ ପ୍ଲାଷ୍ଟିକର ଭୟାବହତାକୁ ନେଇ ଆଶଙ୍କା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ପ୍ଲାଷ୍ଟିକ ସାମଗ୍ରୀର ବହୁଳ ବ୍ୟବହାର ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି । ବୁଲା ଗାଈଗୋରୁ ଓ କୁକୁର ଖାଦ୍ୟ ସାମଗ୍ରୀ ଲୋଭରେ ଏହି ପ୍ଲାଷ୍ଟିକକୁ ଗିଳି ଦେଉଥିବାରୁ ଅନେକ ସମୟରେ ସେମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି।

ଏ ସମ୍ପର୍କରେ ପୌରାଞ୍ଚଳ ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ କୁହନ୍ତି ଯେ, ବର୍ଜବସ୍ତୁ ପରିଚାଳନାକୁ ଗୁରୁତ୍ୱ ଦିଆଯାଇଛି । ସହରର ପ୍ରତ୍ୟେକ ସ୍ଥାନରେ ଡଷ୍ଟବିନ ଯୋଗାଇ ଦିଆଯାଇଛି । ସେହିପରି ବ୍ୟବସାୟୀ ଓ ସହରବାସୀଙ୍କୁ ପ୍ଲାଷ୍ଟିକ ବ୍ୟବହାର ରୋକିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୬।୬। ୨୦୧୯ (ରବିବାର)**

- ବାଗଦେବୀ କଳା ମନ୍ଦିର ପକ୍ଷରୁ ରଜ ମହୋତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା, **ସ୍ଥାନ–** ଭରତପୁର, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୮ଟା।
- ଚେତନା ସମାଜ ପକ୍ଷରୁ ରଜ ମହୋତ୍ସବ। **ସ୍ଥାନ–**ସଖୀବଟ, ମାର୍ଶାଘାଇ, ସମୟ– ପୂର୍ବାହ୍ନ ୮ଟା।
- କଟାମୁଣ୍ଡ ଗୋପୀନାଥଙ୍କ ସଂପୂର୍ଣ୍ଣ ବେଶ ସହ ମହୋତ୍ସବ। **ସ୍ଥାନ–** ସାନବାରଙ୍ଗ, କେନ୍ଦ୍ରାପଡା, **ସମୟ–** ସକାଳ ୬ଟା।

**୧୭।୬। ୨୦୧୯ (ସୋମବାର)**

- ଶ୍ରୀ ବଳଦେବଜୀଉଙ୍କ ସ୍ନାନ ପୂର୍ଣ୍ଣିମା ଉତ୍ସବ, **ସ୍ଥାନ–**ଇଚ୍ଛାପୁର, କେନ୍ଦ୍ରାପଡା, ସମୟ– ପୂର୍ବାହ୍ନ ୮ଟା।

**୧୯।୬। ୨୦୧୯ (ବୁଧବାର)**

- ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ମକ୍‌ଡ୍ରିଲ, **ସ୍ଥାନ–**କେନ୍ଦ୍ରାପଡା ଜିଲାର ୨୨ଟି ବାତ୍ୟା ଆଶ୍ରୟସ୍ଥଳୀ, **ସମୟ–**ପୂର୍ବାହ୍ନ ୮ଟା।

**୨୧।୬।୨୦୧୯ (ଶୁକ୍ରବାର)**

- ବିଶ୍ୱ ଯୋଗ ଦିବସ ପାଳନ,**ସ୍ଥାନ–**ଟାଉନହଲ ପରିସର,**ସମୟ–**ସକାଳ ୬ଟା

# ଗାଁ ମାଟିରେ ବିଧାୟକଙ୍କୁ ସମ୍ବର୍ଦ୍ଧନା



ବିଧାୟକଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

ରାଜନଗର, ୧୫।୬(ଡି.ଏନ.ଏ.)

ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ଶନିବାର ତାଙ୍କ ନିଜ ଗାଁ ରାଜନଗର ବ୍ଲକର ବେଲପାଳ ଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ବିଧାୟକ ହେବା ପରେ ସାହୁ ପ୍ରଥମଥର ପାଇଁ ଗାଁକୁ ଯାଇଥିବାରୁ ଗାଁ ଲୋକଙ୍କ ମଧ୍ୟରେ ଉତ୍ସାହ ବାରି ହୋଇ ପଡିଥିଲା। ଗାଁ ଛକ ନିକଟରୁ ଗ୍ରାମବାସୀ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଇଥିଲେ । ଏହି ଅବସରରେ ସେ ଗାଁ ଠାକୁରାଣୀ ମା' ସିଦ୍ଧ ବାସୁଳାଇଙ୍କ ଦର୍ଶନ କରି ଗୁରୁଜନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ବେଲପାଳ ପଞ୍ଚାୟତର ସରପଞ୍ଚ ମଞ୍ଜୁଳତା ପଣ୍ଡା, ବ୍ଲକ ବିଜେଡି ସାଧାରଣ ସଂପାଦକ ନରହରି ଜେନା, ଜିଲା ବିଜୁ ଯୁବଜନତା ଦଳର ସାଧାରଣ ସଂପାଦକ ବିକ୍ରମ ବାରିକ, ବେଲପାଳ ପଞ୍ଚାୟତ ବିଜେଡି ସଭାପତି ନବଘନ ପଣ୍ଡା, ଯୁବନେତା ରାଧାମାଧବ ପଣ୍ଡା, ଅଜୟ କୁମାର ଲେଙ୍କା, କେଦାର ଦାସ, ନିଗମାନନ୍ଦ ମହାନ୍ତି, ସନ୍ତୋଷ ସ୍ୱାଇଁ, ରବୀନ୍ଦ୍ର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ଜ୍ଞାନରଞ୍ଜନ ବିଶ୍ୱାଳ, ନାଏବ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଓସ୍ତିଆ ଗ୍ରାମ ପଞ୍ଚାୟତର ବାଲିକଣା, ଭଗବାନପୁର, ଜଗନ୍ନାଥପୁର ଶାସନ, ବନ୍ଧପାଟଣା, ଓସ୍ତିଆ, ନଗଡ ଗ୍ରାମରେ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ସେଠୀ, ଯୁବନେତା ପ୍ରଶାନ୍ତ ରାଉତ, ସରପଞ୍ଚ କେଦାର କୁମାର ସାହୁ, ସମିତି ସଭ୍ୟ ପାରେଶ୍ୱର ନାୟକ, ଯୁବନେତା ବିଜୟ ରାଉତ, ସହଦେବ ସାମଲ, ଦୟାନିଧି ପାତ୍ର, ବ୍ରହ୍ମାନନ୍ଦ ସେଠୀ, ବିନୋଦ ବିହାରୀ ରାଉତ, କିଶୋର ରାଉତ, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ରଜ ମହୋତ୍ସବ ଅବସରରେ କିଶୋରୀମାନେ ରଜ ଦୋଳିର ମଜା ନେଉଛନ୍ତି।

### ଅର୍ତ୍ତାମୂଳରେ ରଜ ମହୋତ୍ସବର ଦ୍ୱିତୀୟ ଦିନ

# ରଜଦୋଳି, ପିଠା ଓ ପାନର ମଜା ନେଲେ ଗ୍ରାମବାସୀ

ଡେରାବିଶ ୧୫।୬(ସ୍ୱ.ପ୍ର.)

ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ପୁରପଲ୍ଲୀରେ ରଜ ପର୍ବ ଧୀରେ ଧୀରେ ଫିକା ପଡିବାରେ ଲାଗିଛି । ଲୋକମାନେ ରଜ ଦୋଳି, ପିଠା ପଣାକୁ ଭୁଲିଯାଇ ଘରକୁ ବଜାରରୁ କେକ୍ କିଣି ଆଣିବା ସହିତ ଟିଭି, ଫିଲ୍ମ ଓ ଇଣ୍ଟରନେଟ୍ ମୋହରେ ପଡିଛନ୍ତି । ଆମ ସଂସ୍କୃତିର ଏଭଳି ଅବକ୍ଷୟମୁଖୀ ସମୟରେ ଗ୍ରାମାଞ୍ଚଳର ଲୋକମାନଙ୍କ ମନରେ ପୁରୁଣା ସ୍ମୃତିକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳ ଗ୍ରାମବାସୀ ଆୟୋଜନ କରି ଆସୁଛନ୍ତି ରଜ ମହୋତ୍ସବ । ଶନିବାର ଏହାର ଦ୍ୱିତୀୟ ଦିନରେ ଗ୍ରାମର ଝିଅ ବୋହୂମାନଙ୍କ ମଧ୍ୟରେ ରଜ ପିଠା ତିଆରି ଓ ରଜ ପାନ ଭଙ୍ଗା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ପ୍ରତିଯୋଗୀମାନେ ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା ପ୍ରସ୍ତୁତ କରିବା ସହ ରଜ ପାନର ମଜା ଉଠାଇଥିଲେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ । ଏହି ଉତ୍ସବରେ ଆଖପାଖ ପଞ୍ଚାୟତର ବହୁ ଝିଅ ଓ ବୋହୂ ଉପସ୍ଥିତ ରହି ଦୋଳି ଖେଳର ମଜା ନେଇଥିଲେ । ଏହି ଅବସରରେ ଅନାଥବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ପଣ୍ଡା ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସେହିପରି ପୂର୍ବାହ୍ନରେ ସ୍ଥାନୀୟ ପିଲାମାନଙ୍କ ମଧ୍ୟରେ ହୋଇଥିବା ମ୍ୟୁଜିକାଲ୍ ଚେୟାର, ପୁଚି, ଦଉଡି ଡିଆଁ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପ୍ରାରମ୍ଭରେ ସୁକୁମାର ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷ୍ଣଚନ୍ଦ୍ର ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଉମାକାନ୍ତ ବଳ ଧନ୍ୟବାଦ ଦେଇଥିଲେ । ଉତ୍ସବ ପରିଚାଳନାରେ ନିରଞ୍ଜନ ଜେନା, ଦେବେନ୍ଦ୍ର ଦାସ, ରଜତ ବଳ, ସନାତନ ଦାସ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

### ରକ୍ତଦାତା ଆପ୍ ଉନ୍ମୋଚିତ

କେନ୍ଦ୍ରାପଡା ଅଫିସ, ୧୫।୬

ସୁସ୍ଥ ସମାଜ ପାଇଁ ସହଯୋଗ ଆବଶ୍ୟକ। ଏଥିପାଇଁ ସମସ୍ତଙ୍କର ନିରନ୍ତର ଉଦ୍ୟମ ଜାରି ରହିଛି । ରକ୍ତଦାନ ଫଳରେ ଜଣେ ମଣିଷ ବଞ୍ଚି ଯାଇପାରୁଛି । ଏଣୁ ରକ୍ତ ଦାନ କରିବା ପାଇଁ ଜନ ସଚେତନତା ସୃଷ୍ଟି ହେବା ଆବଶ୍ୟକ ବୋଲି ରକ୍ତଦାନ ଆପ୍ ଉନ୍ମୋଚନ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି । କେନ୍ଦ୍ରାପଡା ରକ୍ତଦାତା ସମିତି ପକ୍ଷରୁ ଏହି ଆପ୍ ଶୁକ୍ରବାର ଉନ୍ମୋଚନ କରାଯାଇଛି । ଇଂ ସିଦ୍ଧାନ୍ତ ସାମନ୍ତଙ୍କ ଦ୍ୱାରା ପ୍ରସ୍ତୁତ ଆପ୍ ଗୁଗୁଲ ପ୍ଲେ ଷ୍ଟୋରରେ ଉପଲବ୍ଧ ହୋଇଛି । ଏହି ଆପ୍ ଉନ୍ମୋଚନ ପାଇଁ ସହରର ଗରାପୁରସ୍ଥ ଡ. ଆମ୍ବେଦକର ଭବନ ପରିସରରେ ଏକ ସଭା ହୋଇଥିଲା । ସମିତି ସଭାପତି ଶଶାଙ୍କ ଶେଖର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡିଏସପି କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ସାମାଜିକ କର୍ମୀ ମାନସ ରଞ୍ଜନ ମିଶ୍ର, ଶ୍ରୀକାନ୍ତ ନାୟକ, ଏସ.କେ. ମଲ୍ଲିକ, ପ୍ରଶାନ୍ତ ପରିଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ରକ୍ତଦାନର ଆବଶ୍ୟକତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ରକ୍ତଦାତା ଦେବାଶିଷ ଦାସ, କରିଶ୍ମା ଖାତୁନ, ଦେବାଶୀଷ ଦାସ, ସୁଧାଂଶୁବାଳା, ଦମନ କୁମାର ମହାନ୍ତି, ପୃଥ୍ୱିରାଜ ମଣ୍ଡଳ, ମାଧବ ଚନ୍ଦ୍ର ପ୍ରଧାନ, ଅଭିଜିତ ଦାସ, ସୁବ୍ରତ ଦାସଙ୍କୁ ସମ୍ମାନିତ କରାଯାଇଥିଲା ।



# ବୀରଭଦ୍ରପୁର ଗ୍ରାମରେ ଆମ ଗାଁ ମହୋତ୍ସବ

ମାର୍ଶାଘାଇ,୧୫।୬(ଡି.ଏନ.ଏ.)

ରଜ ପାଇଁ ଗାଁରୁ ସହର ଉତ୍ସବ ମୁଖର ହୋଇ ପଡିଥିବା ବେଳେ ମାର୍ଶାଘାଇ ବ୍ଲକ ଦୁମୁକା ପଞ୍ଚାୟତର ବୀରଭଦ୍ରପୁର ଗ୍ରାମରେ ଆମ ଗାଁ ରଜ ମହୋତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ପ୍ରିୟଦର୍ଶିନୀ ପ୍ରଜ୍ଜ୍ୱଳ ସଂସ୍ଥା ପକ୍ଷରୁ ପ୍ରତିଭା ଚୟନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ବୀରଭଦ୍ରପୁର ଗ୍ରାମର କୁନି କୁନି କଳାକାରମାନଙ୍କୁ ନେଇ ରଜ ଗୀତ, ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁଧୀର କୁମାର ସାହୁ ସଂଯୋଜନା କରିଥିବା ବେଳେ ପାର୍ଥ ସାରଥୀ ସାହୁ,ସଚ୍ଚିଦାନନ୍ଦ ଦାସ,ଲଳିତ ସାହୁ,ଆଲୋକ ସାହୁଙ୍କ ସମେତ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ । ଏଥିରେ ଆମ ଗାଁ ମହୋତ୍ସବ କମିଟିର ସଭାପତି ଶ୍ରୀବଲ୍ଲଭ ନାୟକ ସଭାପତିତ୍ୱ କରିଥିଲେ । ଅତିଥି ଭାବେ ସୁବାସ ସାହୁ ଯୋଗଦେଇ ଗ୍ରାମାଞ୍ଚଳରେ ଏହି ମହୋତ୍ସବ ଭାଇଚାରା ସୃଷ୍ଟି କରିଥିବା କହିଥିଲେ । ଏହି ଅବସରରେ କୁନି କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଜେଡିର ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ

ପାଟକୁରା ,୧୫।୬(ଡ଼ି.ଏନ.ଏ.)




ବୈଠକରେ ସାବିତ୍ରୀ ଅଗ୍ରୱାଲ ଓ ଅନ୍ୟମାନେ।

ଆଗାମୀ ପାଟକୁରା ବିଧାନସଭା ନିର୍ବାଚନ ପାଇଁ ଗରଦପୁର ବ୍ଲକର କର୍ତ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶନିବାର ବ୍ଲକ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବସିଥିଲା । ଏଥିରେ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ବିଜେଡ଼ି ଉପ ମୁଖ୍ୟ ସଚେତକ ପ୍ରଣବ ବଳବନ୍ତରାୟ ଅନ୍ୟତମ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ । ବୈଠକରେ ବିଧାୟକ ପ୍ରାର୍ଥୀନୀ ସାବିତ୍ରୀ ଅଗ୍ରୱାଲା ମଧ୍ୟ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାସ, ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ନାରାୟଣ ମହାନ୍ତି, ଗରଦପୁର ବ୍ଲକର ୧୮ଗୋଟି ପଞ୍ଚାୟତର ବିଜେଡିର ଛାମୁଆ କର୍ମୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଗତ ସାଧାରଣ ନିର୍ବାଚନରେ କେଉଁ ସବୁ କାରଣ ପାଇଁ ବ୍ଲକରେ ଭୋଟ ହାର କମିଲା ତାହା ଉପରେ ମନ୍ତ୍ରୀ ସ୍ୱାଇଁ ଟିକିନିଖି ପଚାରି ବୁଝିଥିଲେ। ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀନୀ ସାବିତ୍ରୀ ଅଗ୍ରୱାଲାଙ୍କୁ ବହୁ ଭୋଟରେ ଜିତାଇବା ପାଇଁ କର୍ମୀମାନେ ଅକ୍ଳାନ୍ତ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରାଇଲେ ଏହା ସମ୍ଭବ ହୋଇ ପାରିବ ବୋଲି ସେ କହିଥିଲେ । ପ୍ରଣବ ବଳବନ୍ତରାୟ ସଂଗଠିତ ଭାବରେ ନିର୍ବାଚନ ଲଢିବା ପାଇଁ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ପୂର୍ବତନ ବିଧାୟକ ସ୍ୱର୍ଗତ ଦେବପ୍ରକାଶ ଅଗ୍ରୱାଲାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବା ପାଇଁ କର୍ମୀମାନେ ଆଗେଇ ଆସିବାକୁ ବିଜେଡି ପ୍ରାର୍ଥୀନୀ ସାବିତ୍ରୀ କର୍ମୀମାନଙ୍କୁ ନିବେଦନ କରିଥିଲେ ।

### ଫନୀ ବାତ୍ୟା ତଦନ୍ତରେ ଅବହେଳା

# ସାମିଲ ହୋଇନାହିଁ ସିଂହଗାଁ ପଞ୍ଚାୟତର ୩ ଗ୍ରାମ

କେନ୍ଦ୍ରାପଡା ଅଫିସ,୧୫।୬

ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତ କୃଷ୍ଣଦାସପୁର ଗ୍ରାମର ବିଜୟ ଜେନାଙ୍କ ଦୁଇ ପୁଅ ହେଉଛନ୍ତି ରଣଜିତ ଓ କୁଞ୍ଜ । ଚାଳ ଘରେ ରହୁଥିଲେ । ଗତ ମାସରେ ହୋଇଥିବା ଫନୀ ବାତ୍ୟାରେ ଦୁଇ ଭାଇଙ୍କ ଘର ଭାଙ୍ଗି ଯାଇଛି । ଦୁଇ ପୁଅ ଓ ପରିବାର ସଦସ୍ୟ ଗ୍ରାମର ଜଣେ ବ୍ୟକ୍ତିଙ୍କ ପିଣ୍ଡାରେ ଆଶ୍ରୟ ନେଇଛନ୍ତି । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଘର ନିର୍ମାଣ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଡ କରି ପାରୁନାହାନ୍ତି । ଅପରପକ୍ଷରେ ଦିନ ମଜୁରିଆ ଏହି ଦୁଇ ଭାଇଙ୍କ ଘର ଭାଙ୍ଗିଥିଲେ ମଧ୍ୟ ବାତ୍ୟା କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବେ । କାରଣ ପ୍ରଶାସନିକ ତଦନ୍ତରେ ସେମାନଙ୍କ ନାଁ ନାହିଁ । କେବଳ ରଣଜିତ ଓ କୁଞ୍ଜ ନୁହନ୍ତି, ନିର୍ମଳ ଜେନା, ମହେଶ୍ୱର ଦାସ, ପ୍ରେମଲତା ସାମଲଙ୍କ ସମେତ ସିଂହଗାଁ ପଞ୍ଚାୟତର କୃଷ୍ଣଦାସପୁର, ରାଉଳିଆଡ଼ିଆ, ସିଂହଗାଁ ଆଦି ରାଜସ୍ୱ ଗ୍ରାମର ଶତାଧିକ ଲୋକ ପ୍ରଶାସନିକ ତଦନ୍ତରୁ ବଞ୍ଚିତ ହୋଇଛନ୍ତି । ଏ ନେଇ ସମିତି ସଭ୍ୟ ରୀନା ମଲ୍ଲିକ ଶୁକ୍ରବାର ତହସିଲଦାରଙ୍କୁ ଏକ ଅଭିଯୋଗ ପତ୍ର ଦେଇଛନ୍ତି । ଏ ସମ୍ପର୍କରେ ସେ କହିଛନ୍ତି ଯେ, ସ୍ୱାଧୀନତାର ୭୨ ବର୍ଷରେ ମଧ୍ୟ ଏହି ପଞ୍ଚାୟତକୁ କଣ୍ଟିଆ ନାଳରେ ସେତୁ ନ ଥିବାରୁ ଗମନାଗମନ ପଥ ସୁଗମ ନୁହେଁ । ଧୋୟା ଅଞ୍ଚଳ ଭାବେ ପରିଚିତ ଏହି ପଞ୍ଚାୟତବାସୀ କୃଷିକୁ ଜୀବିକା କରିଥିଲେ ମଧ୍ୟ ବନ୍ୟା ଜଳ ଏଥିରେ ବାଧକ ସାଜିଛି । ଗତ ବାତ୍ୟାରେ ପଞ୍ଚାୟତର ବହୁ ବ୍ୟକ୍ତିଙ୍କ ଘର ଭାଙ୍ଗିଥିଲେ ହେଁ ପ୍ରଶାସନିକ ଅଧିକାରୀ ଏହାର ତଦନ୍ତ କରିନାହାନ୍ତି । ଫନୀ ସହାୟତା ଚୂଡାନ୍ତ ରିପୋର୍ଟରେ ସିଂହଗାଁ ପଞ୍ଚାୟତ ନ ଥିବା ଦୁର୍ଭାଗ୍ୟଜନକ । ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ହେବ ବୋଲି ସମିତି ସଭ୍ୟ ମଲ୍ଲିକ ପ୍ରକାଶ କରିଛନ୍ତି ।



ଭଙ୍ଗା ଘର ଆଗରେ ସିଂହଗାଁ ଅଞ୍ଚଳର ଦୁଇଭାଇ।

# ଗୋରଖନାଥ ପୀଠରେ ୫୦ ହଜାର ଶ୍ରଦ୍ଧାଳୁ

ରଘୁନାଥପୁର, ୧୫।୬ (ଡି.ଏନ.ଏ.)

ରଜ ସଂକ୍ରାନ୍ତିରେ ଉପକୂଳ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳିରୁ ଲୋକଙ୍କୁ ସାମାନ୍ୟ ନିସ୍ତାର ମିଳିଛି। ତେଣୁ ଶୁକ୍ରବାର ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରଖନାଥଙ୍କ ପୀଠରେ ୫୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶନାର୍ଥୀଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ଭୋରରୁ ପ୍ରଭୁଙ୍କ ମଙ୍ଗଳ ଆଳତି ସରିବା ପରେ ପୀଠ ମଧ୍ୟକୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ଧୀରେ ଧୀରେ ଆଶାତୀତ ଭାବେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ତେବେ ଭିଡ଼ର ସୁଯୋଗ ନେଇ ପକେଟ ମାର ଓ ଲୁଟେରାମାନେ ସକ୍ରିୟ ହୋଇପଡିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇ ନ ଥିବାରୁ ଅନେକ ଲୋକ ଲୁଟ୍‌ର ଶିକାର ହୋଇଥିବା କୁହାଯାଉଛି। ତେବେ ଟ୍ରଷ୍ଟବୋର୍ଡ ସଭ୍ୟ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ବାଦଲ ଯୋଗାଣିଆ, ସୂର୍ଯ୍ୟନାରାୟଣ ମିଶ୍ର ଓ ସ୍ଥାନୀୟ ସରପଞ୍ଚ ବିଜୟ କୁମାର ସ୍ୱାଇଁ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ସଚେତନ କରାଇବା ସହ ଯାତ୍ରୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେଇଥିଲେ। ମାର୍ଶାଘାଇ ଅଞ୍ଚଳର ଅଶୋକ କୁମାର ଦାସଙ୍କ ମନିପର୍ସରେ


ଗୋରଖନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଥିବା ୪ ହଜାର ଟଙ୍କା, ଏକ ସୁନା ଲକେଟ ଓ କୁଳସମିତୁଙ୍ଗାର ବିପିନ ବିହାରୀ ଦାସଙ୍କ ୬ ହଜାର ଟଙ୍କା ଚୋରି ହୋଇଥିବା ଜଣାପଡିଛି। ସେହିପରି ନରାଜ ଅଞ୍ଚଳର ସୁବାସ ପାଇଟାଳଙ୍କ ଏକ ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ୪ ଜଣ ମହିଳାଙ୍କ ବେକରୁ ସୁନାଚେନ ମଧ୍ୟ ଚୋରି ହୋଇଥିବା ସମ୍ପର୍କରେ ଅଭିଯୋଗ ଆସିଥିବା ସଭ୍ୟ ମହାନ୍ତି ପ୍ରକାଶ କରିଛନ୍ତି। ଗୋରଖନାଥଙ୍କ ପୀଠରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

**ଲୁଟେରା ସକ୍ରିୟ: ଲୁଟିଲେ ସୁନାଚେନ୍, ଲକେଟ, ଟଙ୍କା**

ହୋଇପଡିଥିବା ଯାତ୍ରୀମାନେ ଅଭିଯୋଗ କରିଥିବାବେଳେ ମଧ୍ୟାହ୍ନ ୧୨ଟାରେ ଆଇଆଇସିଙ୍କ ସହ କେତେଜଣ ଫୋର୍ସ ପୀଠରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା କରିଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ମ୍ୟାନେଜିଂ ଟ୍ରଷ୍ଟିଙ୍କ ପକ୍ଷରୁ ଦାୟିତ୍ୱରେ ଥିବା ଅଧିକାରୀ ପ୍ରମୋଦ ମହାପାତ୍ରଙ୍କୁ ପଚାରିବାରେ ସେ କହିଲେ ଯେ, ଚୋରି ସମ୍ପର୍କରେ ଅବଗତ ଅଛନ୍ତି ଓ ଅଧିକ ଫୋର୍ସ ବ୍ୟବସ୍ଥା କରିବାକୁ ଏସ୍‌ଡିପିଓଙ୍କୁ କୁହାଯାଇଛି। ଅନ୍ୟପକ୍ଷରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆ ନ ଗଲେ ପୀଠକୁ ଯାତ୍ରୀଙ୍କ ଆଗମନ ଆଗାମୀ ଦିନରେ ହ୍ରାସ ପାଇବା ସହ ଅଞ୍ଚଳର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ଷଣ୍ଢ ଆକ୍ରମଣରେ ମାସକରେ ୧ ମୃତ, ୩ ଆହତ

ବାଲିକୁଦା,୧୫।୬(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଅନନ୍ତପୁର ଅଞ୍ଚଳରେ ଗତ କିଛିଦିନ ହେଲା ଏକ ମାରଣା ଷଣ୍ଢ ଆତଙ୍କ ସୃଷ୍ଟି କରିଛି। ଏହି ଷଣ୍ଢ ଆକ୍ରମଣରେ ଗତ ମାସକ ମଧ୍ୟରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହେଲେଣି। ଗତ ମାସ ୧୦ ତାରିଖରେ ଷଣ୍ଢଟି ଭୁଆଶୁଣି ଗ୍ରାମର ନାଥୁରାମ ବେହେରାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ମାସ ୧୪ ତାରିଖରେ ତାଳଗାଁର ଜଣେ ମହିଳା ଓ ଗତ ୨୪ ତାରିଖ ସକାଳେ ଭୁଆଶୁଣି ଗାଁର ନଛ ବେହେରାଙ୍କୁ ଷଣ୍ଢ ଆକ୍ରମଣ କରିଥିଲା।

ଗୁରୁବାର ଷଣ୍ଢଟି ଅନନ୍ତପୁର ଗାଁର ଭଗବାନ ସାହୁ (୭୦)ଙ୍କୁ ଆକ୍ରମଣ କରିଛି। ଏ ସମ୍ପର୍କରେ ବାଲିକୁଦା ପ୍ରାଣୀ ଚିକିତ୍ସା କେନ୍ଦ୍ରଠାରୁ ଆରମ୍ଭ କରି ତହସିଲଦାର ଓ ଅଗ୍ନିଶମ ବାହିନୀକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

ବ୍ୟାଙ୍କ ଆକାଉଣ୍ଟରୁ ୫୪ ହଜାର ଗାଏବ ମାମଲା

# ଅଭିଯୁକ୍ତ କାର୍ତ୍ତିକ ନୟାଗଡ଼ରୁ ଗିରଫ

ଜଗତ୍‌ସିଂହପୁର ଅଫିସ,୧୫।୬

ପ୍ରଥମେ ଆକାଉଣ୍ଟ ନମ୍ବର, ପରେ ଏଟିଏମ୍ କାର୍ଡର ଉପର ଓ ତଳ ନମ୍ବର। ଏସବୁ ମିଳିଗଲା ପରେ ଓଟିପି ନମ୍ବର ହାତେଇ ସାଇବର ଅପରାଧୀମାନେ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଖାଲି କରିଦେଉଛନ୍ତି। ଏନେଇ ଯେତେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଗଲେ ସୁଦ୍ଧା ଲୋକେ ବୁଝୁନାହାନ୍ତି। ପରିଣାମ ସ୍ୱରୂପ ସାଇବର ଠକେଇର ଶିକାର ହେଉଛନ୍ତି। ଏଭଳି ଏକ ଘଟଣା ଘଟିଛି ଜଗତ୍‌ସିଂହପୁର ଅଞ୍ଚଳରେ। ଅଙ୍ଗେଶ୍ୱରପଡ଼ା ଉଟଣାର କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ ତାଙ୍କ ପୁତୁରା ବୋଲି ପରିଚୟ ଦେଇ ନୟାଗଡ଼ ଅଞ୍ଚଳର କାର୍ତ୍ତିକ ରାଉତରାୟ ୩ଟି ବ୍ୟାଙ୍କ ଆକାଉଣ୍ଟରୁ ୫୪ ହଜାର ଟଙ୍କା ଲୁଟି ନେଇଥିଲେ। ତେବେ ପୋଲିସ ଅଭିଯୁକ୍ତ କାର୍ତ୍ତିକଙ୍କୁ ଗିରଫ କରିବାକୁ ସମର୍ଥ ହୋଇଛି। ଏଥିସହ ତାଙ୍କଠାରୁ ୫୨,୦୦୦ ଟଙ୍କା, କାର (ନଂ.ଓଡି ୦୨ ଡି ୦୪୯୯) ଓ ୩ଟି ମୋବାଇଲ ଫୋନ୍ ଜବତ କରିଛି।

ଗତ ୭ ତାରିଖରେ ସ୍ୱାଇଁ ଜଗତ୍‌ସିଂହପୁର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତା-୨୮।୫।୧୯ ରାତି ପ୍ରାୟ ୮.୩୦ରେ ସେ ବଜାରରେ ଥିଲେ। ଏକ ମୋବାଇଲ (ନଂ.୯୧୬୩୭୦୭୩୩୮୧)ରୁ ତାଙ୍କ ପାଖକୁ କଲ୍ ଆସିଲା। ସମ୍ପୃକ୍ତ ବ୍ୟକ୍ତି ନିଜକୁ ତାଙ୍କ ପୁତୁରା ଲୋରା ବୋଲି ପରିଚୟ ଦେଇ ଅନ୍ୟ ଜଣଙ୍କୁ ଟଙ୍କା ଦେବା କଥା କହି ଆକାଉଣ୍ଟ ନମ୍ବର ମାଗିଥିଲେ। ଯେହେତୁ ସେ ବଜାରରେ


କାର୍ତ୍ତିକ ରାଉତରାୟ।

ଥିଲେ ତେଣୁ ଘରେ ପହଞ୍ଚିଲେ ଦେବେ ବୋଲି କହିଥିଲେ। ରାତି ପ୍ରାୟ ୧୦.୪୦ରେ ଘରେ ପହଞ୍ଚିଲା ପରେ ପୁଣି ଥରେ ଫୋନ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ଏଟିଏମ୍ କାର୍ଡର ଉପର ଓ ତଳ ନମ୍ବର ମାଗିଥିଲେ। ଏହା ପରେ ଓଟିପି ମେସେଜ୍ ଆସିଥିଲା। ଏହି ନମ୍ବର ମଧ୍ୟ ସମ୍ପୃକ୍ତ ବ୍ୟକ୍ତି ମାଗିନେଇଥିଲେ। ପରେ ଜଣାଯାଇଥିଲା ଯେ ବାଲିକୁଦାସ୍ଥିତ ସ୍ୱାଇଁଙ୍କ ୟୁକୋ ବ୍ୟାଙ୍କ ଆକାଉଣ୍ଟରୁ ୨୦,୦୦୦, ଜଗତ୍‌ସିଂହପୁର ୟୁକୋ ବ୍ୟାଙ୍କ ଆକାଉଣ୍ଟରୁ ୨୮,୦୦୦ ଓ ଷ୍ଟେଟ୍ ବ୍ୟାଙ୍କ ଜଗତ୍‌ସିଂହପୁର ଆକାଉଣ୍ଟରୁ ୬,୦୦୦ ଏହିପରି ମୋଟ ୫୪,୦୦୦ ଟଙ୍କା ଗାଏବ୍ ହୋଇଯାଇଛି। ଏନେଇ ସେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କଲାପରେ ପୋଲିସ ଦଫା ୪୨୦ ଆଇପିସି/୬୬ସି/୬୬ଡିଆଇଟି ଆକ୍ଟରେ ମାମଲା ନଂ.୨୦୯/୧୯ ରୁଜୁ କରିଥିଲା। ଅଭିଯୁକ୍ତ କାର୍ତ୍ତିକଙ୍କୁ କୋର୍ଟଚାଲାଣ କରାଯାଇଛି।






■ ସୋମନାଥ ହାଟରୁ ମୋବାଇଲ ଚୋରି

# ୨ ଲୁଟେରାଙ୍କୁ କାବୁକଲା ପୋଲିସ

ଜଗତ୍‌ସିଂହପୁର ଅଫିସ,୧୫।୬

ଶନିବାର ସ୍ଥାନୀୟ ସୋମନାଥ ହାଟରେ ଜଣେ ବ୍ୟକ୍ତିଙ୍କଠାରୁ ମୋବାଇଲ୍ ଚୋରି କରୁଥିବାବେଳେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତିର୍ତ୍ତୋଲ ଓ କୁଜଙ୍ଗ ଅଞ୍ଚଳର ମାନସ ଦାସ ଓ ଧନେଶ୍ୱର ଦାସ। ଘଟଣାସ୍ଥଳରୁ ଅନ୍ୟ ୨ ଜଣ ଅଭିଯୁକ୍ତ ଖସିଯାଇଛନ୍ତି। ଧରାପଡିଥିବା ୨ ଅଭିଯୁକ୍ତଙ୍କଠାରୁ ପୂର୍ବରୁ ଏହି ହାଟରୁ ଲୁଟ୍ ହୋଇଥିବା ଶତାଧିକ ମୋବାଇଲ ସମ୍ପର୍କରେ ତଥ୍ୟ ପାଇବା ଆଶାରେ ପୋଲିସ ପଚରାଉଚୁରା ଜାରି ରଖିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ସରାମ୍ବର ନରେନ୍ଦ୍ର କୁମାର ସ୍ୱାଇଁ ରାତି ପ୍ରାୟ ୭ଟାରେ ହାଟରୁ ପରିବା କିଣୁଥିବାବେଳେ ଜଣେ ଯୁବକ ତାଙ୍କ ପକେଟ୍‌ରୁ ମୋବାଇଲ୍ ନେଇଯାଇଥିଲେ। ସେ ଚିତ୍କାର କରିବାରୁ ସେଠାରେ ସାଦା ପୋଷାକରେ ଥିବା ପୋଲିସ କର୍ମଚାରୀମାନେ ସମ୍ପୃକ୍ତ ଯୁବକଙ୍କୁ କାବୁ କରିନେଇଥିଲେ। ମାତ୍ର ଏହି ସମୟରେ ସେ ଅନ୍ୟ ଜଣଙ୍କ ହାତକୁ ମୋବାଇଲଟି ବଢାଇଦେଇଥିଲେ। ପୋଲିସ ଦୁହିଁଙ୍କୁ କାବୁ କଲା ଭିତରେ ୨ୟ ଯୁବକ ଜଣଙ୍କ ପୂର୍ବ ପ୍ରସ୍ତୁତି ମୁତାବକ ସେଠାରେ ଉପସ୍ଥିତ ଗ୍ୟାଙ୍ଗର ୩ୟ ଯୁବକଙ୍କୁ ମୋବାଇଲ ବଢାଇ ଦେଇଥିଲେ। ଏହା ପରେ ୩ୟ ଯୁବକଙ୍କ ସହ ଆଉ ଜଣେ ଯୁବକ ମୋବାଇଲ ଧରି ଦୌଡ଼ି ପଳାଇଥିଲେ। ପୋଲିସ ସେମାନଙ୍କୁ ଖୋଜି ପାଇ ନ ଥିଲା। ସୂଚନାଯୋଗ୍ୟ, ଏହି ମୋବାଇଲ୍ ଲୁଟ୍ ଗ୍ୟାଙ୍ଗ କିଛି ମାସ ହେବ ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଛି। ସୋମନାଥ ହାଟରୁ ପ୍ରତି ପାଳିରେ ଏକାଧିକ ମୋବାଇଲ୍ ଲୁଟ୍ ହେଉଛି। ଏ ସମ୍ପର୍କରେ କେତେଜଣ ଲୋକ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିବାବେଳେ ଅନେକ ନିରବ ରହିଛନ୍ତି। ହାଟରେ ମୋବାଇଲ୍ ଲୁଟେରା ବୁଲୁଥିବାରୁ ଲୋକେ ଚିନ୍ତାରେ ପଡିଛନ୍ତି। ପୋଲସ ସେମାନଙ୍କୁ ଧରିବାରେ ସକ୍ଷମ ହେଉନାହିଁ। ତେଣୁ ପୋଲିସ କର୍ମଚାରୀମାନେ ସାଦା ପୋଷାକରେ ହାଟରେ ବୁଲୁଛନ୍ତି। ଶନିବାର ୨ ଅଭିଯୁକ୍ତ ଧରାପଡିବା ଫଳରେ ପୋଲିସକୁ ସଫଳତା ମିଳିଛି।











ବନ ବିଭାଗ ଉପରୁ ଭରସା ତୁଟିଲା

# ମାଙ୍କଡ଼ ଭୟରେ ହନୁମାନଙ୍କ ପୂଜା


ପଙ୍କପାଳରେ ଲୋକେ ହନୁମାନଙ୍କ ପୂଜା କରୁଛନ୍ତି।

କୁଜଙ୍ଗ,୧୫।୬(ସ୍ୱ.ପ୍ର.)

ଦୀର୍ଘ ଏକ ମାସ ହେଲା ପଙ୍କପାଳରେ ଆତଙ୍କ ସୃଷ୍ଟି କରିଥିବା ଏକ ମାଙ୍କଡ଼କୁ ନେଇ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଇତିମଧ୍ୟରେ ମାଙ୍କଡ଼ ଆକ୍ରମଣରେ ୨୧ରୁ ଊର୍ଦ୍ଧ୍ୱ ଲୋକ ଆହତ ହେଲେଣି। ସବୁ ପ୍ରକାର ଉଦ୍ୟମ ସତ୍ତ୍ୱେ ବନ ବିଭାଗ ଉକ୍ତ ମାଙ୍କଡ଼କୁ କାବୁ କରିବାରେ ସକ୍ଷମ ହୋଇନାହିଁ। ତେଣୁ ସ୍ଥାନୀୟ ଲୋକ ବନ ବିଭାଗ ଉପରୁ ଭରସା ତୁଟାଇ ପୂଜାପାଠ ଆରମ୍ଭ କରିଛନ୍ତି। ଶନିବାର ପଙ୍କପାଳ ଗ୍ରାମବାସୀ ହନୁମାନଙ୍କ ପୂଜା କରିଛନ୍ତି। ଏହି ଅବସରରେ ବିଗ୍ରହଙ୍କ ସ୍ନାନ, ହନୁମାନ ଚାଳିଷା ପାଠ, ହୋମଯଜ୍ଞ କରାଯାଇଛି। ସମିତି ସଭ୍ୟ ଅକ୍ଷୟ କୁମାର ସାହୁ, ଆଶୁତୋଷ କଣ୍ଡ, ୱାର୍ଡସଭ୍ୟ ନରେନ୍ଦ୍ର ନାୟକ, ନାରୀନେତ୍ରୀ ଲକ୍ଷ୍ମୀପ୍ରିୟା କର, ଫକୀର ସାହୁ ପ୍ରମୁଖଙ୍କ ପରିଚାଳନାରେ ପୂଜା କରାଯାଇଥିଲା। ପଣ୍ଡିତ ତ୍ରିଲୋଚନ ମିଶ୍ର, ନୀରଞ୍ଜନ ଦାଶ ଓ ତରୁଣ ଦାଶ ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ତିଳୋତ୍ତମା କଣ୍ଡ, ଭାରତୀ ପରିଡା, ମିତାଲି ଦାଶ, ତରୁଲତା ଦାସ, ମମତା ଦାଶ, ସବିତା ଦାସ, ମୀନା ଦାସ, ପ୍ରଫୁଲ୍ଲ ମିଶ୍ର, ଟୁନି ସାହୁ, ନାରାୟଣ ସାହୁ, କମଳାକାନ୍ତ ମିଶ୍ର ପ୍ରମୁଖ ପୂଜାପାଠରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଉକ୍ତ ମାଙ୍କଡ଼କୁ କାବୁ କରିବା ଦାବିରେ ପଙ୍କପାଳ ଗ୍ରାମବାସୀଙ୍କ ସହ ଇନ୍ଦିରା କଲୋନୀର ଲୋକମାନେ ବହୁବାର ରାସ୍ତାରୋକୋ କରିଥିଲେ। ଏଥିସହ ବନ ବିଭାଗର ଚାରା ଉତ୍ପାଦନ କେନ୍ଦ୍ରରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନନ୍ଦନକାନନରୁ ଏକ ଟ୍ରାଙ୍କୁଲାଇଜର ଟିମ୍ ସହ ରାଜନଗରରୁ ମାଙ୍କଡ଼ ଧରାଳି ଦଳ ଆସି କେତୋଟି ମାଙ୍କଡ଼ ଧରିବାକୁ ସକ୍ଷମ ହୋଇଥିଲେ ମଧ୍ୟ ଲୋକଙ୍କୁ ଆକ୍ରମଣ କରୁଥିବା ମାଙ୍କଡ଼ କାବୁ ହୋଇପାରିନାହିଁ। ସବୁ ପ୍ରକାର ଉଦ୍ୟମ ସତ୍ତ୍ୱେ ମାଙ୍କଡ଼ ଧରାପଡୁନାହିଁ। ଅନ୍ୟପକ୍ଷରେ ଆଉ ଦିନ କେଇଟା ପରେ ବିଦ୍ୟାଳୟ ଖୋଲିବାକୁ ଥିବାରୁ ମାଙ୍କଡ଼ ଭୟରେ ପିଲାଙ୍କୁ ଘରୁ ଛାଡ଼ିବାକୁ ନେଇ ଅଭିଭାବକ ଚିନ୍ତାରେ ପଡିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ଶତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୬ ଜୁନ, ୨୦୧୯



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ମଦ ଜବତ, ୨ ଗିରଫ

**ଧର୍ମଶାଳା/ଜେନାପୁର,୧୫।୬ (ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ପୋଲିସ ଶୁକ୍ରବାର ରାତିରେ ଦୁଇଟି ସ୍ଥାନରେ ଚଢ଼ାଉ କରି ୪୮ ବୋତଲ ବିଦେଶୀ ମଦ ଜବତ କରିବା ସହ ଚୋରାମଦ ବିକ୍ରି କରିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି। ଜେନାପୁର ଗ୍ରାମର ଗୋପବନ୍ଧୁ କବି ଚୋରାମଦ ବିକ୍ରି କରୁଥିବା ଅଭିଯୋଗ ପାଇ ପୋଲିସ ରାତିରେ ଚଢ଼ାଉ କରିଥିଲା। ଗୋପବନ୍ଧୁଙ୍କ ନିକଟରୁ ୨୪ବୋତଲ ବିଦେଶୀ ମଦ ଜବତ ସହ ତାଙ୍କୁ ପୋଲିସ ଗିରଫ କରିଥିଲା। ସେହିପରି ସାରୋଇ ଗ୍ରମର ସର୍ବେଶ୍ୱର ସାହୁଙ୍କ ଦୋକାନ ଉପରେ ପୋଲିସ ଚଢ଼ାଉ କରି ୨୪ ଲିଟର ବିଦେଶୀ ମଦ ଜବତ ସହ ତାଙ୍କୁ ଗିରଫ କରିଥିଲା। ଉଭୟଙ୍କ ବିରୋଧରେ ପୋଲିସ ୨ଟି ପୃଥକ୍ ମାମଲା(ନଂ. ୧୨୭/୧୯ ଓ ୧୨୮/୧୯) ରୁଜୁ କରି ଗୋପବନ୍ଧୁ ଓ ସର୍ବେଶ୍ୱରଙ୍କୁ ଶନିବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି।

### ସାଇସେବକ ବିକ୍ରମ ସମ୍ବର୍ଦ୍ଧିତ

**ଧର୍ମଶାଳା,୧୫।୬(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକା ସତ୍ୟସାଇ ସେବା ସମିତି ପରିସରରେ ଜିଲାସ୍ତରୀୟ ସାଇଯୁବ ବାହିନୀ ପକ୍ଷରୁ ବିଶେଷ ପୂଜା ଓ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ସାଇବାବାଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଚଳିତ ବର୍ଷ ସାଇସେବକ ବିକ୍ରମ କେଶରୀ ମହାନ୍ତିଙ୍କୁ 'ପ୍ରତିବିମ୍ବ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆବାହକ ପବିତ୍ର ମୋହନ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଭଜନାନନ୍ଦ ସାମଲ, ରଞ୍ଜନ କୁମାର ସାହୁ, ଲକ୍ଷ୍ମୀଧର ସାହୁ, ଗଗନ ବିହାରୀ ଦତ୍ତ, ପ୍ରଫୁଲ ଜେନା, ବଟକୃଷ୍ଣ ମଲିକ, ଅକ୍ଷୟ କୁମାର ବେହେରା, ଶୁଭମ ଦାସ, ସୁଶାନ୍ତ ନାୟକ ଓ ଅରୁନ୍ଧତୀ ସାହୁ ଯୋଗଦେଇ ଠାକୁରଙ୍କ ଭାବାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସାଇସେବକ ମହାନ୍ତିଙ୍କ ନିସ୍ୱାର୍ଥପର ସେବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସାଇଭକ୍ତ ସ୍ୱରାଜ ପାଣି ଧନ୍ୟବାଦ ଦେଇଥିଲେ।

### ଅବସରପ୍ରାପ୍ତ ଶିକ୍ଷକ ସଂଘ ଉପଦେଷ୍ଟାଙ୍କ ବିୟୋଗ

**ରସୁଲପୁର,୧୫।୬(ଡି.ଏନ.ଏ.):** ରସୁଲପୁର ବ୍ଲକ ଅଧୀନ ମଧୁବନ ଜୋନ୍ ଅବସରପ୍ରାପ୍ତ ଶିକ୍ଷକ ସଂଘ ଉପଦେଷ୍ଟା ପୂର୍ବତନ ଶିକ୍ଷକ ଭାଗ୍ୟଧର ରଥ (୭୯)ଙ୍କ ଶନିବାର କଟକ ବଡ ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ସେ ଗତ କିଛିଦିନ ହେବ ମୂତ୍ରାଶୟ ରୋଗରେ ପୀଡ଼ିତ ଥିଲେ। ଶିକ୍ଷକ ନେତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ରଥଙ୍କ ପାର୍ଥିବ ଶରୀର ବଡକଇଁଚି ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମରେ ପହଞ୍ଚିବା ପରେ ଅବସରପ୍ରାପ୍ତ ଶିକ୍ଷକ ସଂଘ ସମ୍ପାଦକ ଭାସ୍କର ମିଶ୍ର, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ, ପୂର୍ବତନ ସ୍କୁଲ ନିରୀକ୍ଷକ ଶ୍ରୀଧର ସାହୁ, ଅବସରପ୍ରାପ୍ତ ଶିକ୍ଷକ ମହନି ଚରଣ ବାରିକ, ଦଶରଥ ସାହୁ, ଶ୍ୟାମସୁନ୍ଦର ପଣ୍ଡା, ଲକ୍ଷ୍ମଣ ରାଉତ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। କ୍ରିୟାକର୍ମ ସମୟରେ ୫ ପୁଅ, ବୋହୂ, ନାତି ନାତୁଣି ଉପସ୍ଥିତ ଥିଲେ।

# ପିଏମ୍ଇଜିପି ଅଗ୍ରଗତି ନୈରାଶ୍ୟଜନକ

**ଯାଜପୁର ଅଫିସ,୧୫।୬**

ପ୍ରଧାନମନ୍ତ୍ରୀ କର୍ମନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ(ପିଏମ୍ଇଜିପି) ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଯୋଜନା। ସ୍ଥାନୀୟ ସମ୍ବଳକୁ ବ୍ୟବହାର କରି ଆତ୍ମନିଯୁକ୍ତି ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ବ୍ୟାଙ୍କଗୁଡ଼ିକ ପିଏମ୍ଇଜିପି ହିତାଧିକାରୀଙ୍କୁ ଅର୍ଥ ଯୋଗାଣରେ ସହାୟତା କରି ଆସୁଛନ୍ତି। ଜିଲାସ୍ତରୀୟ ଟାସ୍କଫୋର୍ସ କମିଟିରେ ହିତାଧିକାରୀଙ୍କ ନାମ ଅନୁମୋଦନ ହେବା ପରେ ପ୍ରତ୍ୟେକ ମାସରେ ବ୍ୟାଙ୍କଗୁଡ଼ିକୁ ଆବଶ୍ୟକ ଅର୍ଥ ଯୋଗାଣ କରିବାକୁ ସୁପାରିଶ କରାଯାଉଛି। ହେଲେ ଗତ କିଛିଦିନର ଧାରାକୁ ଅବଲୋକନ କଲେ ଅଧିକାଂଶ ବ୍ୟାଙ୍କ ଜିଲାସ୍ତରୀୟ କମିଟିର ନିଷ୍ପତ୍ତିକୁ ମାନୁ ନାହାନ୍ତି। ଏପରିକି ବାତ୍ୟା ଫନି ଫଳାଫଳ ଅନୁସାରେ ଉଦ୍ୟୋଗୀମାନଙ୍କୁ ବିଭିନ୍ନ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବାକୁ ବ୍ୟାଙ୍କମାନେ କୌଣସି ପ୍ରକାର ସହାୟତା କରୁ ନାହାନ୍ତି। ତେଣୁ ଯେତେ ଶୀଘ୍ର ସମ୍ଭବ ଜିଲାର ବିଭିନ୍ନ ସ୍ଥାନରେ ଋଣମେଳା ଆୟୋଜନ କରାଯାଇ ପୂର୍ବବର୍ଷର ବାକି ପଡିଥିବା ଓ ଚଳିତ ବର୍ଷର ପିଏମଇଜିପି ହିତାଧିକାରୀଙ୍କୁ ଅର୍ଥଯୋଗାଣ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ପରାମର୍ଶ ଦେଇଛନ୍ତି।

ଜିଲାର ଶିଳ୍ପ ବିକାଶ ପାଇଁ ଗୁରୁଦାୟିତ୍ୱ ବହନ କରୁଥିବା ଆଞ୍ଚଳିକ ଶିଳ୍ପକେନ୍ଦ୍ର, ବ୍ୟାଙ୍କ/ଆରଆରବି ଏବଂ କେଭିଆଇସି(ଖଦି ଓ ଗ୍ରାମୀଣ ଶିଳ୍ପ ପରିଷଦ) ଦ୍ୱାରା ପିଏମ୍ଇଜିପି ଯୋଜନା କାର୍ଯ୍ୟକାରୀ ହୋଇ ଆସୁଛି। ୨୦୧୮-୧୯ ଆର୍ଥିକ ବର୍ଷରେ ୨୮୩ଟି ପିଏମ୍ଇଜିପି ଆବେଦନ ବ୍ୟାଙ୍କରେ ପଡ଼ି ରହିଛି। କେବଳ ଗତ ମେ ମାସରେ ୩୦ଟି ଏମ୍ଏସ୍ଏମ୍ଇ ଋଣ ପ୍ରସ୍ତାବ ଯାଜପୁରରୋଡ ବିଜୟା ବ୍ୟାଙ୍କ, କାଳିଆପାଣି ଆନ୍ଧ୍ର ବ୍ୟାଙ୍କ, ଯଖପୁରା ୟୁକୋ ବ୍ୟାଙ୍କ, ବିଞ୍ଝାରପୁର ସିବିଆଇ, ମିର୍ଜାପୁର କାନାଡା ବ୍ୟାଙ୍କ, ଯାଜପୁର କର୍ପୋରେସନ ବ୍ୟାଙ୍କ, ମଙ୍ଗଳପୁର ଆଇଓବି, ହରିପୁରହାଟ ପିଏନ୍ବି, ବାରବାଟି ବିଜୟା ବ୍ୟାଙ୍କ, ବାଲିଆ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବରିମାଉଣ୍ଡ ଗ୍ରାମ୍ୟ ବ୍ୟାଙ୍କ, ବରୀ କାନାଡା ବ୍ୟାଙ୍କ, ସୁକିନ୍ଦା ଏସ୍ବିଆଇ, କଟକ ୟୁବିଆଇ ପ୍ରଭୃତି ବ୍ୟାଙ୍କଗୁଡ଼ିକରେ ଫାଇଲ ତଳେ ପଡି ରହିଛି। ଏନେଇ ଜିଲା ପ୍ରଶାସନ ଓ ଆଞ୍ଚଳିକ ଶିଳ୍ପକେନ୍ଦ୍ର ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଉଥିଲେ ହେଁ ବ୍ୟାଙ୍କ କର୍ତ୍ତୃପକ୍ଷ କାହାରି କଥା ଶୁଣୁ ନାହାନ୍ତି। ପିଏମ୍ଇଜିପି ଅନ୍ଲାଇନ ପୋର୍ଟାଲ ୨୦୧୬ ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇଛି। ପିଏମ୍ଇଜିପିର କାର୍ଯ୍ୟକାରୀକୁ ନେଇ ବିଭିନ୍ନ ପ୍ରକ୍ରିୟା ଯଥା ଆବେଦନ, ଋଣ ମଞ୍ଜୁର ଆଦି ଅନ୍ଲାଇନ ମାଧ୍ୟମରେ ସମ୍ପନ୍ନ ହେଉଛି। ଜିଲାସ୍ତରୀୟ ଟାସ୍କଫୋର୍ସ କମିଟିର ମଞ୍ଜୁର ପରେ ଆବେଦନଗୁଡିକୁ ବ୍ୟାଙ୍କ ନିକଟକୁ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦିଆଯାଉଛି। ଚଳିତ ୨୦୧୯-୨୦ ବର୍ଷରେ ୨୬୩ଟି ଆବେଦନ ଜିଲାର ବିଭିନ୍ନ ବ୍ୟାଙ୍କକୁ ପ୍ରେରଣ ହୋଇଛି। ସେଥିରୁ ମାତ୍ର ୫୬ଟି ଆବେଦନ ମଞ୍ଜୁର କରାଯାଇ ୧୬୫.୮୨ ଲକ୍ଷ ଟଙ୍କା(ସବ୍ସିଡି) ପ୍ରଦାନ କରାଯାଇଛି। ରାଜ୍ୟର ଅନ୍ୟ ଜିଲାଗୁଡ଼ିକରେ ପିଏମ୍ଇଜିପିର ଅଗ୍ରଗତି ସନ୍ତୋଷଜନକ ଥିବାବେଳେ ଯାଜପୁର ଜିଲାରେ ନୈରାଶ୍ୟଜନକ ହୋଇଥିବା ଜଣାପଡିଛି। ଏହି ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଦିନକୁ ଦିନ କାର୍ଯ୍ୟକ୍ରମ ମୂଳ ଲକ୍ଷ୍ୟଠାରୁ ଦୂରେଇ ଯିବାରେ ଲାଗିଛି। ସାମଗ୍ରୀକ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ଆବେଦନକାରୀଙ୍କୁ ବିଭିନ୍ନ ଆଳ ଦେଖାଇ ଭୁଆଁ ବୁଲାଯାଉଛି। ପିଏମ୍ଇଜିପି ଯୋଜନାରେ ଋଣ ପରିମାଣ ଓ ରିହାତିକୁ ବୃଦ୍ଧି କରାଯାଇଛି ସତ ହେଲେ ଏଥିରେ କେବଳ ଧନୀଶ୍ରେଣୀର ହିତାଧିକାରୀ ସୁଯୋଗ ପାଉଥିବାବେଳେ ଗରିବ ଶ୍ରେଣୀର ଆଶାୟୀ ଯୁବତୀଯୁବକ ବଞ୍ଚିତ ରହୁଛନ୍ତି ବୋଲି ଅଭିଯୋଗ ହୋଇଆସୁଛି। ଏହାଦ୍ୱାରା କର୍ମନିଯୁକ୍ତି ସୃଷ୍ଟି ହେବା ତ ଦୂରର କଥା କ୍ରମଶଃ କର୍ମନିଯୁକ୍ତି ସଙ୍କୁଚିତ ହେବାରେ ଲାଗିଛି। ଜିଲାସ୍ତରୀୟ ଟାସ୍କଫୋର୍ସ କମିଟିର ଅଧ୍ୟକ୍ଷ ତଥା ଜିଲାପାଳ ଦାସ ତାଙ୍କ ପତ୍ରସଂଖ୍ୟା ୧୩୮୩/୧୨।୬।୨୦୧୯ ତାରିଖରେ ଏହି ଦୁର୍ବଳ ଅଗ୍ରଗତି ଉପରେ କ୍ଷୋଭ ପ୍ରକାଶ କରିବା ସହିତ ଜିଲାର ବିଭିନ୍ନ ବ୍ୟାଙ୍କ ମ୍ୟାନେଜରଙ୍କୁ ଏନେଇ ପରାମର୍ଶ ଦେଇଛନ୍ତି। ଉପଯୁକ୍ତ ଆବେଦନଗୁଡ଼ିକୁ ତୁରନ୍ତ ଅନ୍ଲାଇନ ମାଧ୍ୟମରେ ମଞ୍ଜୁର କରି ସମ୍ପୃକ୍ତ ତାଲିମ କେନ୍ଦ୍ରଗୁଡ଼ିକୁ ଅବଗତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ମଧ୍ୟ ଜିଲାପାଳ ଏହି ମର୍ମରେ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ ହେଁ ପିଏମ୍ଇଜିପି ଯୋଜନାର ଅଗ୍ରଗତି ନୈରାଶ୍ୟଜନକ ହୋଇ ଆସୁଛି।

**ଯାଜପୁର ଜିଲା**



- ଜିଲାସ୍ତରୀୟ କମିଟିର ନିଷ୍ପତ୍ତି ମାନୁନାହାନ୍ତି ବ୍ୟାଙ୍କ
- ନିଯୁକ୍ତି ସୁଯୋଗ ସୃଷ୍ଟି ସଙ୍କୁଚିତ
- ଫାଇଲ ତଳେ ପଡି ରହିଛି ପିଏମ୍ଇଜିପି ପ୍ରସ୍ତାବ
- ବାକି ପଡ଼ିଥିବା ଆବେଦନକୁ ମଞ୍ଜୁର କରି ଅର୍ଥ ପ୍ରଦାନ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

## ଜମୁଛି ରଜ ମଉଜ

**ଛତିଆ,୧୫।୬(ଡି.ଏନ.ଏ.)**

ରଜ ମଉଜରେ ସମଗ୍ର ଛତିଆ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। 'ବରଷକେ ଥରେ ଆସିଛି ରଜ, ଘେନି ନୂଆ ସଜବାଜ' ଏହି ଗୀତ ଗାଇ ଝିଅମାନେ ଦୋଳି ଖେଳି ବେଶ୍ ଆନନ୍ଦ ଉଲ୍ଲାସରେ ରଜ ପାଳୁଥିବା ଜଣାପଡ଼ିଛି। ଛତିଆ ସମେତ ବିଦ୍ୟାଧରପୁର, ନେଳିଆ, ପାଟଣା, ସୋଲର, ବୈରୀ, ପାରିଆ, ସମିଆ ଆଦି ଗ୍ରାମଗୁଡ଼ିକ ରଜ ପାଇଁ ଚଳଚଞ୍ଚଳ ହୋଇଉଠିଛି। ଏହି ପରିପ୍ରେକ୍ଷୀରେ ଛତିଆ ପଞ୍ଚାୟତର ଜାଗୁଳାଇ ପଡ଼ିଆଠାରେ ଶୁକ୍ରବାରଠାରୁ ରଜ ମହୋତ୍ସବ ଆରମ୍ଭ ହୋଇଛି। ରବିବାର ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଏଥିରେ ମୁଖ୍ୟ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରବିନ୍ଦ ସାମଲ, ସଚ୍ଚିଦାନନ୍ଦ ସାମନ୍ତରାୟ, ମିହିର ପ୍ରତାପ ଦାସ, ସରପଞ୍ଚ ନୟନା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଇଚ୍ଛାନଗର ପାଟଣା ଗ୍ରାମରେ କୁନି କୁନି ପିଲାଙ୍କୁ ନେଇ ସନ୍ଧ୍ୟା ସମୟରେ ନୃତ୍ୟ ଗୀତର ଆସର ମଧ୍ୟ ଦେଖିବାକୁ ମିଳିଛି। ଏତଦ୍ବ୍ୟତୀତ ଲୁଡୁ, ମ୍ୟୁଜିକ୍ ଚେୟାର, କବାଡ଼ି, ତାସ ଏବଂ ରାତ୍ରକାଳୀନ କ୍ରିକେଟ୍ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେଉଛି। ଯାହାକି ରଜ ମଉଜର ମାହୋଲକୁ ଆହୁରି ସରଗରମ କରୁଛି।

## କଦମପାଳରେ ରଜ ଉତ୍ସବ, ସମ୍ବର୍ଦ୍ଧନା ପର୍ବ



ରାଇଜିଂଷ୍ଟାର ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

**ଧର୍ମଶାଳା,୧୫।୬(ଡି.ଏନ୍.ଏ.)**

ଉତ୍କଳୀୟ ସଂସ୍କୃତିରେ ରଜ ସମଗ୍ର ରାଜ୍ୟରେ ଏକ ଗଣପର୍ବ ଭାବେ ପାଳିତ ହେଉଛି। ଏହି ଗଣପର୍ବ ହଜି ଯାଉଥିବା ସଂସ୍କୃତି, ପରମ୍ପରା ଓ ଭାଇଚାରାକୁ ବଜାୟ ରଖିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଧର୍ମଶାଳା ବ୍ଲକ କଦମପାଳସ୍ଥିତ ରାଇଜିଂଷ୍ଟାର ୟୁଥ କ୍ଲବ ଆନୁକୂଲ୍ୟରେ ଗୁରୁଚରଣ ସ୍ମାରକୀ ରଜ ମହୋତ୍ସବକୁ ଯାଜପୁର ଅତିରିକ୍ତ ଏସ୍ପି ଅକ୍ଷୟ କୁମାର ଦାସ ଉଦ୍ଘାଟନ କରି ରଜ ଉତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଚନ୍ଦନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଯାଜପୁର ସହକାରୀ ଜିଲାପାଳ କୁଳମଣି ନାୟକ, ମୁଖ୍ୟବକ୍ତା ଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ଅଭିମନ୍ୟୁ ଧଳ, ସ୍ୱାଧୀନତା ସଂଗ୍ରାମୀ ନିଧି ପ୍ରଧାନ ଯୋଗ ଦେଇଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ସଂଗ୍ରାମୀ ନିଧି ପ୍ରଧାନ, ଅଭିମନ୍ୟୁ ଧଳ, ଶିକ୍ଷା କ୍ଷେତ୍ରରେ ବନମାଳି ଓଝା, ଅଞ୍ଜୁବାଳା ଜେନା, ବୀରେନ କୁମାର ଖଣ୍ଡାୟୀ, ପ୍ରତାପ କିଶୋର ନାଥ, ମୋହନୀ ପ୍ରଧାନ, ହିମାଂଶୁ ଶେଖର ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଜ ଦୋଳି ଉତ୍ସବକୁ ଭରତ ପ୍ରଧାନ, ଅଶୋକ ପ୍ରଧାନ, ଉତ୍ତମ ଚରଣ ପ୍ରଧାନ ପରିଚାଳନା କରିଥିବା ବେଳେ ସୁବାଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପୂର୍ବରୁ ରଜ ଦୋଳିକୁ ଅଭିନେତ୍ରୀ ଚାନ୍ଦିନୀ ଓ ହାସ୍ୟ ଅଭିନେତା ନନ୍ସେନ୍ସ ମଣି ଉଦ୍ଘାଟନ କରିଥିଲେ।

## ବରିଷ୍ଠ କଂଗ୍ରେସ ସଂଖ୍ୟାଲଘୁ ନେତାଙ୍କ ବିୟୋଗ

**ଚଣ୍ଡିଖୋଲ,୧୫।୬(ଡି.ଏନ.ଏ.)**

ବଡ଼ଚଣା ବ୍ଲକର ବରିଷ୍ଠ କଂଗ୍ରେସ ସଂଖ୍ୟାଲଘୁ ନେତା ଅବଦୁଲ ଗଫୁର (୬୭)ଙ୍କର ଗୁରୁବାର ସୁଙ୍ଗୁଡ଼ା ଗ୍ରାମସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଅବଦୁଲ ଯାଜପୁର ଜିଲା କଂଗ୍ରେସ ସଂଖ୍ୟାଲଘୁ ସେଲର ସମ୍ପାଦକ, ସୁଙ୍ଗୁଡ଼ା ମୁସଲିମ୍ ବସ୍ତିର ନାଏବ ସର୍ଦ୍ଦାର, ଚଣ୍ଡିଖୋଲ ଅସ୍ଥାୟୀ ବ୍ୟବସାୟୀ ସଂଘର ଉପଦେଷ୍ଟା ଥିଲେ। ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ନୀଳକଣ୍ଠ ମିଶ୍ର, ପୂର୍ବତନ ଜିଲାପରିଷଦ ସଭ୍ୟ ଅଜୟ ସାମଲ, ଯୋଗେନ୍ଦ୍ର ନାୟକ, ବଡ଼ଚଣା ଛାତ୍ର କଂଗ୍ରେସ ସଭାପତି ଜନ୍ମେଜୟ ନାୟକ, ଅନିରୁଦ୍ଧ ରାଉତ, ଅସ୍ଥାୟୀ ବ୍ୟବସାୟୀ ସଂଘ ସଭାପତି ମହେଶ୍ୱର ବଳ, ଅବଦୁଲ ରଜାକ, ପ୍ରଦୀପ୍ତ ମହାନ୍ତି, ପ୍ରବିର ବଳ, ରମଣୀବାଳା ବ୍ରହ୍ମ, ବ୍ରଜକିଶୋର ମହାପାତ୍ର, କ୍ଷୀରୋଦ ଚନ୍ଦ୍ର ମାହାଲା, ମାନଗୋବିନ୍ଦ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଗାଡ଼ି ପାର୍କିଂକୁ ନେଇ ମାରପିଟ

### ଉଭୟ ପକ୍ଷରୁ ୧୦ରୁ ଊର୍ଦ୍ଧ୍ୱ ଯୁବକ ଥାନାରେ ଅଟକ

**ରସୁଲପୁର,୧୫।୬(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟରାଜପଥ ପାର୍ଶ୍ୱ ମୂଳାପାଳ ଛକ ନିକଟରେ ଗାଡ଼ି ପାର୍କିଂକୁ ନେଇ ଶନିବାର ୨ପଞ୍ଚାୟତର ଯୁବକଙ୍କ ମଧ୍ୟରେ ମାରପିଟ ହୋଇଛି। ଏ ସମ୍ପର୍କରେ ଖବରପାଇ କୁଆଖିଆ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗଣ୍ଡଗୋଳକାରୀଙ୍କ ମଧ୍ୟରୁ ୧୦ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଜାରି ରଖିଛି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଶନିବାର ଅପରାହ୍ନରେ ପ୍ରଥମାଖଣ୍ଡି ପଞ୍ଚାୟତର ଜନୈକ ବୋଲେରୋ ଚାଳକ ମୂଳାପାଳ ଛକ ନିକଟରେ ଗାଡ଼ିକୁ ପାର୍କିଂ କରିଥିଲେ। ଏହାକୁ ରାଜେନ୍ଦ୍ରପୁର ପଞ୍ଚାୟତ ହାଟସାହି-କରଜଙ୍ଗା ଗ୍ରାମର ଜନୈକ ବ୍ୟକ୍ତି ବିରୋଧ କରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସାରୁ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ପରେ ଉଭୟ ସେମାନଙ୍କ ଗାଁ ଲୋକଙ୍କୁ ଫୋନ ଯୋଗେ ଜଣାଇଥିଲେ। ଫଳରେ ଉଭୟ ପଞ୍ଚାୟତର ଯୁବକମାନେ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମାରପିଟ ହୋଇଥିଲା। ଏ ସମ୍ପର୍କରେ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଥିଲା। ପୋଲିସକୁ ଦେଖି ବହୁ ଯୁବକ ଛତ୍ରଭଙ୍ଗ ଦେଇଥିବାବେଳେ ଆଉ କିଛି ପୋଲିସ ହାତରେ ଧରାପଡ଼ିଥିଲେ। ଉଭୟ ଗୋଷ୍ଠୀର ୧୦ଜଣ ଯୁବକଙ୍କୁ ପୋଲିସ ଥାନାରେ ପଚରାଉଚରା ଜାରି ରଖିଛି।

## ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

**ଚଣ୍ଡିଖୋଲ,୧୫।୬(ଡି.ଏନ.ଏ.)**

ଅଗ୍ନିକାଣ୍ଡ ଘଟି ଶୁକ୍ରବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ଗ୍ରାମର କୁଳମଣି ବାରିକଙ୍କ ୨ ବଖରା ଜଳିଯାଇଛି। ବିଦ୍ୟୁତ୍ ଶଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଚଣ୍ଡିଖୋଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ଝାଡ଼ାବାନ୍ତିରେ ମହିଳାଙ୍କ ମୃତ୍ୟୁ

**ରସୁଲପୁର,୧୫।୬(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ଗ୍ରାମରେ ଜଣେ ମହିଳାଙ୍କର ଶୁକ୍ରବାର ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଛି। ସେ ହେଲେ ଦୈତାରୀ ମଳିକଙ୍କ ସ୍ତ୍ରୀ ପିଙ୍କି (୨୮)। ପ୍ରକାଶ ଯେ, ପିଙ୍କି ଗୁରୁବାର ଝାଡ଼ାବାନ୍ତି ଯୋଗୁ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ଶୁକ୍ରବାର ତାଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ କାର୍ଯ୍ୟରତ ଡାକ୍ତର ପିଙ୍କିଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁଆଖିଆ ପୋଲିସକୁ ସୂଚନା ଦିଆଯାଇଥିଲା। ପିଙ୍କିଙ୍କ ବାପଘର ଓ ଶାଶୁଘର ଲୋକଙ୍କ ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ। ମାତ୍ର ଡାକ୍ତରଙ୍କ ଅଭିଯୋଗକ୍ରମେ ପୋଲିସ ଡାକ୍ତରଖାନରେ ପହଞ୍ଚି ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଝାଡ଼ାବାନ୍ତି ଭଳି ରୋଗରେ ପିଙ୍କିଙ୍କ ମୃତ୍ୟୁ ଖବରକୁ ସାଧାରଣରେ ସହଜରେ ଗ୍ରହଣ କରାଯାଇପାରୁନାହିଁ। ଚିକିତ୍ସାରେ ଅବହେଳା ଯୋଗୁ ମହିଳାଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।

### ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ସମ୍ବର୍ଦ୍ଧନା

## ସମ୍ବର୍ଦ୍ଧିତ ହେଲେ ନବନିର୍ବାଚିତ ଏମ୍ପି, ବିଧାୟକ

**ଧର୍ମଶାଳା,୧୫।୬(ଡି.ଏନ୍.ଏ.)**

ରାଜ୍ୟର ପ୍ରମୁଖ ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଶନିବାର ରଜ ସଂକ୍ରାନ୍ତି ଅବସରରେ ଜିଲାର ନବ ନିର୍ବାଚିତ ଏମ୍ପି, ବିଧାୟିକା ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ଗୋକର୍ଣ୍ଣିକା ସାହିତ୍ୟସମାଜ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଏମ୍ପି ଶର୍ମିଷ୍ଠା ସେଠୀଙ୍କୁ ଅନୁଷ୍ଠାନର ଉପଦେଷ୍ଟା ବିଜୟ କୁମାର ଶତପଥୀ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଧର୍ମଶାଳା ବିଧାୟକ ତଥା ସରକାରୀ ଦଳର ଉପ ମୁଖ୍ୟ ସଚେତକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ଶିଶୁ ସାହିତ୍ୟିକ ବିଦ୍ୟାଧର ସାହୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ଅନୁଷ୍ଠାନର ବରିଷ୍ଠ ସଭ୍ୟ ବଟକୃଷ୍ଣ ପରିଡା ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବିଞ୍ଝାରପୁର ବିଧାୟିକା ତଥା ସରକାରୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲିକ, କୋରେଇ ବିଧାୟକ ଅଶୋକ କୁମାର ବଳ, ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦତ୍ତ ମାନପତ୍ରକୁ ମିନତୀ ସାହୁ, ପ୍ରତାପରୁଦ୍ର ପଣ୍ଡା, ଇନ୍ଦୁପ୍ରଭା ସାମଲ, ବ୍ରଜ କିଶୋର ଦାଶ, ସୁନାକର ସାହୁ ପ୍ରମୁଖ ପାଠ କରିଥିଲେ। ସମ୍ବର୍ଦ୍ଧିତ ଏମ୍ପି ଓ ବିଧାୟକମାନେ ଗ୍ରାମାଞ୍ଚଳରୁ ପ୍ରକାଶ ପାଉଥିବା ଗୋକର୍ଣ୍ଣିକା ସାହିତ୍ୟ ସମାଜ ରାଜ୍ୟରେ ବହୁ ସାହିତ୍ୟିକ ସୃଷ୍ଟି କରିବାରେ ସହାୟକ ହୋଇପାରିଥିବାରୁ ଏହାର ଉଚ୍ଚ ପ୍ରସଂଶା କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ରବି ଲାବଣ୍ୟ, ଉପଦେଷ୍ଟା କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାର ପ୍ରାପ୍ତ କବି ବଟକୃଷ୍ଣ ଓଝା, ବିଦ୍ୟାଧର ସାହୁ ସାହିତ୍ୟ ଅନୁଷ୍ଠାନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସଂଗ୍ରାମ କେଶରୀ ଜେନା ଅତିଥିଙ୍କୁ ସ୍ୱାଗତ ଜଣାଇଥିଲା ବେଳେ ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ସାଂସଦ ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା ଉତ୍ସବ।

**ରଜ ଆସର**



ରଜ ପାଳନ ଅବସରରେ ମାଳଆନନ୍ଦପୁର ଗ୍ରାମରେ ମହିଳାମାନେ ମ୍ୟୁଜିକଚେୟାର ଖେଳୁଛନ୍ତି।



ରଜ ଉପଲକ୍ଷେ ଲାଗିଥିବା ପାନର ଆସର।



ମୃତ୍ୟୁଞ୍ଜୟପୁର ଗ୍ରାମରେ ଝିଅମାନେ ଦୋଳି ଖେଳୁଛନ୍ତି।



ଯାଜପୁର ଟାଉନରେ ଏକ ଝିଅ ଦୋଳି ଖେଳୁଛି।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।

- ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ଛାତରୁ ପଡ଼ି ବ୍ୟବସାୟୀଙ୍କ ମୃତ୍ୟୁ

ଭାପୁର/ଖଣ୍ଡପଡା, ୧୫।୬ (ଡ଼ି.ଏନ.ଏ./ସ୍ୱ.ପ୍ର.): ଭାପୁର ବ୍ଲକ ଫତେଗଡ ପଞ୍ଚାୟତ ପିଠାଖାଇ ଗ୍ରାମର ଯୁବ ବ୍ୟବସାୟୀ ବାପୁନି ଲେଙ୍କା(୪୦) ଛାତରୁ ପଡି ପ୍ରାଣ ହରାଇଛନ୍ତି। ତାଙ୍କ ୧୪ ବର୍ଷର ଝିଅ ଅସୁସ୍ଥ ଥିବାରୁ ତାଙ୍କର ଚିକିତ୍ସା ପାଇଁ ବାପୁନି ସପରିବାର ନିଜ ସାନ ସଢୁ ଘର ପାରାଦୀପକୁ ଶୁକ୍ରବାର ଯାଇଥିଲେ। ସେଠାରେ ସେ ସାନସଢୁଙ୍କ ସହ ତାଙ୍କ ଘର ଛାତ ଉପରେ ଶୋଇଥିବା ବେଳେ ରାତିରେ ଛାତରୁ ପଡିଯାଇ ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କଟକ ବଡ ଡାକ୍ତରଖାନା ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରସାରିତ ହେବା ପରେ ପିଠାଖାଇ ଗ୍ରାମରେ ଶୋକର ଛାୟା ଖେଳି ଯାଇଥିଲା। ବାପୁନୀଙ୍କ ପତ୍ନୀ ଜଣେ ଅଙ୍ଗନୱାଡ଼ୀ କର୍ମୀ ଓ ସେମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି।

### ମାଗଣାରେ ସାନିଟାରି ନାପ୍‌କିନ ବଣ୍ଟନ



ନୟାଗଡ଼ ଅଫିସ,୧୫।୬: ଶନିବାର ରଜ ସଂକ୍ରାନ୍ତିରେ ନୟାଗଡ଼ ବ୍ଲକ କ୍ରୀଦାଶପୁର ପଞ୍ଚାୟତ ଡ଼ିମିରିପାଟଣା ଗ୍ରାମରେ ଥିବା ଜନସେବା କେନ୍ଦ୍ର ପକ୍ଷରୁ ମାଗଣାରେ ମହିଳାମାନଙ୍କୁ ସାନିଟାରି ନାପକିନ୍ (ପ୍ୟାଡ୍) ବଣ୍ଟନ କରାଯାଇଛି। ଗ୍ରାମରେ ଥିବା ଏକାଧିକ ମହିଳାଙ୍କୁ ପ୍ୟାଡ୍ ବଣ୍ଟନ କରାଯିବା ସହ ଏହାର ଉପକାରିତା ବିଷୟରେ ବୁଝାଯାଇଥିଲା। ବଣ୍ଟନ କାର୍ଯ୍ୟକ୍ରମରେ ୱାର୍ଡ଼ମେମ୍ବର ଯଶୋଦା ବେହେରା, ଆଶାଦିଦି ତପସ୍ୱିନୀ ବେହେରା, ଜନସେବା କେନ୍ଦ୍ର ପରିଚାଳକ ପ୍ରମୋଦ କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଖୋର୍ଦ୍ଧା ଅଫିସ,୧୫।୬: ୧୬ ନଂ. ଜାତୀୟ ରାଜପଥର ତାପଙ୍ଗ ଛକରେ ଶନିବାର ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଚାଳକଙ୍କର ମୃତ୍ୟୁ ହୋଇଛି। ସେ ହେଲେ ପୁରୀ ଜିଲା କଣାସ ଥାନା ପାଣ୍ଡିଆ ସେରା ଗାଁର ପାପୁନା ପ୍ରଧାନ (୨୨)। ପାପୁନା ଭଉଣୀ ଘର ଟାଙ୍ଗୀ ଥାନା ଭୁଷଣ୍ଡପୁରରୁ ବାଇକ୍ ଯୋଗେ ଫେରୁଥିବା ବେଳେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇଁ ଖୋର୍ଦ୍ଧା ସଦର ଥାନା ପୋଲିସ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ■ ନାକରେ ଲୁହାରଡ୍ ପୂରାଇ ହତ୍ୟା ଘଟଣା

# ୫୦ଦିନ ପରେ ବି ପୋଲିସ ହାତ ଖାଲି

ନୟାଗଡ଼ ଅଫିସ,୧୫।୬

ଗତ ୨୫ ଏପ୍ରିଲରେ ନୟାଗଡ଼ ସଦର ବ୍ଲକ ବାଲୁଗାଁଠାରେ ନିଶା ସେବନ କରିଥିବା ଜଣେ ବ୍ୟକ୍ତିଙ୍କ ନାକରେ କେହି ଲୁହା ରଡ୍ ପୂରାଇଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାର ୫୦ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି ରହିଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତି ଗିରଫ ହୋଇ ନ ଥିବାରୁ ସଦର ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପରିବାର ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏହାସହ ନ୍ୟାୟ ପାଇବା ନେଇ ସେମାନେ ଆଶା ଓ ଆଶଙ୍କାରେ ରହିଥିବା ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଘଟଣାଦିନ ମଧ୍ୟାହ୍ନ ୧୨ଟାରେ ସଦର ଥାନା ବାରବାଟୀ ଗ୍ରାମର ପ୍ରମୋଦ ପରିଡ଼ା ଗାଁ ଛକରେ ଠିଆ ହୋଇଥିଲେ। ଏହି ସମୟରେ ମଞ୍ଜୁରିଆପଲ୍ଲୀ ଗ୍ରାମର ପ୍ରଭାତ ନାମକ ଜଣେ ବ୍ୟକ୍ତି ତାଙ୍କୁ ନିଶା ସେବନ କରିବାକୁ ଡାକିଥିଲେ। ଉଭୟ ବାଲୁଗାଁ ବଜାରରେ ବେଆଇନ ଭାବେ ନିଶାଦ୍ରବ୍ୟ ବିକ୍ରି ହେଉଥିବା ଏକ ଦୋକାନକୁ ଯାଇଥିଲେ। ସେଠାରେ ଉଭୟ

### ସଦର ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ଉଠୁଛି ଅଙ୍ଗୁଳି



ଘଟଣାସ୍ଥଳରେ ସଦର ପୋଲିସ ତଦନ୍ତ କରୁଛି (ଫାଇଲ୍ ଫଟୋ)।

ଗୁଳି (ଅଫିମରୁ ତିଆରି ନିଶାଦ୍ରବ୍ୟ) ଖାଇଥିଲେ। କିଛି ସମୟ ପରେ କୌଣସି କାରଣକୁ ନେଇ ନିଶାସେବନ କରୁଥିବା ଅନ୍ୟ ଲୋକମାନଙ୍କ ସହିତ ପ୍ରମୋଦଙ୍କ ପାଟିତୁଣ୍ଡ ହୋଇଥିଲା। ଏହା କ୍ରମଶଃ ଉଗ୍ର ରୂପ ଧାରଣ କରିଥିଲା। ଏପରି ସମୟରେ କେହିଜଣେ ପ୍ରମୋଦଙ୍କ ନାକରେ ଏକ ଲୁହାରଡ୍ ପୂରାଇ ଦେଇଥିଲେ। ଲୁହା ରଡ୍‌ଟି ପ୍ରମୋଦଙ୍କ ନାକପଟେ ପଶି ଆଖିପଟେ ବାହାରି ଯାଇଥିଲା। ପରେ ନିଶାସେବନ କରିଥିବା ବ୍ୟକ୍ତିମାନେ ପ୍ରମୋଦଙ୍କୁ ଚିକିତ୍ସା ପାଇଁ ବାଲୁଗାଁରେ ଥିବା ଏକ ଘରୋଇ ନର୍ସିଂହୋମ୍‌କୁ ନେଇଥିଲେ। ସେଠାରେ ଡାକ୍ତର ନ ଥିବାରୁ କାଳେ କିଛି ଅଘଟଣ ଘଟିବ ସେହି ଭୟରେ ସାଙ୍ଗରେ ଯାଇଥିବା ଲୋକମାନେ ପ୍ରମୋଦଙ୍କୁ ନର୍ସିଂ ହୋମ୍ ଆଗରେ ଛାଡ଼ି ଚାଲିଯାଇଥିଲେ। ପରେ ବୋଦାପଡ଼ା ଗ୍ରାମର କେତେଜଣ ଯୁବକ ପ୍ରମୋଦଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲୁଗାଁ ଗ୍ରାମର କାର୍ତ୍ତିକ ପରିଡ଼ା ନାମକ ଜଣେ ବ୍ୟକ୍ତି ୪୦ବର୍ଷ ହେଲା ବଜାରରେ ବେଆଇନ ଭାବେ ଗୁଳିଭାଟି କରି ବିକ୍ରିବଟା କରିଆସୁଛନ୍ତି। ବକେୟା ଟଙ୍କାକୁ କେନ୍ଦ୍ର କରି କାର୍ତ୍ତିକ ତାଙ୍କ ବାପାଙ୍କୁ ମାରିଥିବା ନେଇ ପୁଅ ବିଶ୍ୱଜିତ ପରିଡ଼ା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କାର୍ତ୍ତିକ ଓ ଅନ୍ୟ ୩ଜଣଙ୍କ ନାମରେ ମାମଲା (ନଂ.୫୧/୧୯) ରୁଜୁ କରିଥିଲା। ଏହାସହ ପୋଲିସ ସେତେବେଳେ ଗୁଳିଭାଟିରେ ତଦନ୍ତ କରିଥିବା ବେଳେ ସମସ୍ତେ ଫେରାର ହୋଇଯାଇଥିଲେ। ବର୍ତ୍ତମାନ ଉକ୍ତ ଦୋକାନରେ ତାଲା ପଡ଼ିଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କ ସହ ପରିବାର ଲୋକେ ଫେରାର ଅଛନ୍ତି। ଏ ସମ୍ପର୍କରେ ସଦର ଥାନା ଅଧିକାରୀ ଅନ୍ନପୂର୍ଣ୍ଣା ବେହେରାଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ କରାଯାଉଥିବା ବେଳେ କାହାରିକୁ ଗିରଫ କରାଯାଇ ନ ଥିବା ପ୍ରକାଶ କରିଥିଲେ।

### ଓଃ କି ଖରା!



ନୟାଗଡ଼ ଜିଲା ଗଣିଆ ଅଞ୍ଚଳରେ ଏକ ନଳକୂଅ ନିକଟରେ ପାଣି ପିଇବା ପାଇଁ ତୃଷାର୍ତ୍ତ ମାଙ୍କଡ଼ଙ୍କ ମଧ୍ୟରେ ପ୍ରତିଯୋଗିତା। (ଫଟୋ: ସନ୍ତୋଷ)

## ଭାପୁର ଅଞ୍ଚଳରେ ଝାଡ଼ାବାନ୍ତି: ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଭାପୁର/ଖଣ୍ଡପଡା, ୧୫।୬(ଡି.ଏନ.ଏ./ସ୍ୱ.ପ୍ର.)

ନୟାଗଡ ଜିଲା ଭାପୁର ବ୍ଲକରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି । ଏହି ରୋଗରେ ୧୦ ଗାଁର ପ୍ରାୟ ୨୫ରୁ ଉର୍ଦ୍ଧ୍ୱଲୋକ ଆକ୍ରାନ୍ତ ହୋଇ ଏବେ ଭାପୁର ଡାକ୍ତରଖାନାରେ ଚିକିତ୍ସତ ହେଉଛନ୍ତି । ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯୋଗୁ ଏଥିରେ ଅଧିକରୁ ଅଧିକ ଲୋକ ଆକ୍ରାନ୍ତ ହେଉଥିବା ଜଣାପଡିଛି । ଝାଡାବାନ୍ତିରେ ଭାପୁର ପଞ୍ଚାୟତ ଭାପୁର ଗ୍ରାମର ରମେଶ ଚନ୍ଦ୍ର ବରାଡ(୪୦), ବଡସହରା ପଞ୍ଚାୟତ ନାକଡେଇଁ ଗ୍ରାମର ବାନାମ୍ବର ସାହୁ(୪୪), ମଲ୍ଲିକା ପରିଡା(୬୫), ବିଜିପୁର ପଞ୍ଚାୟତ ମାଳିବେରେଣୀ ଗ୍ରାମର ଚଞ୍ଚଳା ପରିଡା(୬୩), ଅନସୂୟା ପୃଷ୍ଟି(୪୧), ନିମାଣି ପଞ୍ଚାୟତ ନିମାଣି ଗ୍ରାମର ଅହଲ୍ୟା ବେହେରା(୫୦), ଶାଳପଡାଗ୍ରାମର ଅନ୍ନପୂର୍ଣ୍ଣା ପରିଡା(୮୦), ଜହରକୋଟ ଗ୍ରାମର କଇଁଥ ପ୍ରଧାନ(୭୮), ତରବାଲୋ ଗ୍ରାମର ସଂଯୁକ୍ତା ମେକାପ, ମାଳିବେରେଣୀ ଗ୍ରାମର ସିଦ୍ଧାନ୍ତ ପରିଡାଙ୍କ ସମେତ ବହୁ ବ୍ୟକ୍ତି ଆକ୍ରାନ୍ତ ହୋଇ ଭାପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । କେତେଜଣ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରୁଥିବା ବେଳେ ଆଉ କେତେକଙ୍କୁ ଖୋର୍ଦ୍ଧା ଓ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିବା ଜଣାପଡିଛି। ଏତେ ସଂଖ୍ୟକ ରୋଗୀ ଏକକାଳୀନ ଡ଼ାକ୍ତରଖାନାରେ ଭର୍ତ୍ତି ହେଉଥିବା ବେଳେ ଡାକ୍ତରଖାନାରେ ଶଯ୍ୟା ନ ଥିବାରୁ ତଳେ ଶୋଇବାକୁ ପଡୁଛି । ଏ ନେଇ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟାଧିକାରୀଙ୍କୁ ପଚାରିବାରେ ଅତ୍ୟଧିକ ଖରା ଓ ଗୁଳୁଗୁଳି ଯୋଗୁ ଝାଡାବାନ୍ତି ବ୍ୟାପୁଥିବା କହିଥିବା ବେଳେ ଏହାର ପ୍ରତିକାର ପାଇଁ ବିଭାଗୀୟ କର୍ମଚାରୀମାନେ ଚେଷ୍ଟା ଚଳାଇଥିବା ସେ କହିଥିଲେ ।



ଭାପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଝାଡ଼ାବାନ୍ତି ରୋଗୀ।

## ଦେବସ୍ନାନ ପୂର୍ଣ୍ଣିମା ପାଇଁ ହାତୀମୁଣ୍ଡ, ଟାହିଆ ପ୍ରସ୍ତୁତ

ଖଣ୍ଡପଡା,୧୫।୬(ସ୍ୱ.ପ୍ର.)

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ପାର୍ଶ୍ୱଠାକୁର ଭାବେ ବିରାଜିତ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ସୋମବାର ଦେବସ୍ନାନ ପୂର୍ଣ୍ଣିମାରେ ରତ୍ନ ସିଂହାସନରୁ ଓହ୍ଲାଇ ସ୍ନାନ ମଣ୍ଡପକୁ ବିଜେ କରିବେ। ତିନି ଠାକୁରଙ୍କ ସ୍ନାନ ଯାତ୍ରା ପାଇଁ ବୁଧବାରଠାରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି । ଠାକୁରଙ୍କ ହାତୀ ବେଶ ପାଇଁ କଣ୍ଟିଲୋ ଖୁଦ ବେହେରା ପାଟଣା ଗ୍ରାମର ଯୁବ ଶିଳ୍ପୀ ପ୍ରଶାନ୍ତ କୁମାର ସାହୁ ଓ ତାଙ୍କର ସହଯୋଗୀମାନେ ମୁଖା, ଟାହିଆ ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ କ୍ଲବରେ ନିମଗ୍ନ ଅଛନ୍ତି। ଚଳିତ ବର୍ଷ ସ୍ନାନ ଯାତ୍ରା ପାଳନ ନିମନ୍ତେ ପୁରୀ ବାଲିସାହି ଗିରି ସ୍ୱାମୀ ମଠର ମହନ୍ତ ସ୍ୱାମୀ ଇନ୍ଦିରା ରମଣ ମହାରାଜ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେଉଥିବା ମନ୍ଦିର ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି। ଜ୍ୟେଷ୍ଠ ପୂର୍ଣ୍ଣିମାରେ ମହାପ୍ରଭୁ ଜଗନ୍ନାଥଙ୍କ ଆବିର୍ଭାବ ତଥା ଜନ୍ମତିଥି। ଏହି ଦିବସରେ ତାଙ୍କ ପ୍ରତିମାକୁ ଅଧିବାସ ପୂର୍ବକ ସ୍ନାନ କରାଯାଇଥାଏ। ସୂଚନା ଯୋଗ୍ୟ, ଉକ୍ତ ବେଶ ପାଇଁ କପଡା, କଇଁଥ ଅଠା, ଖଡିର ମିଶ୍ରଣ କରାଯାଇ ଲେପ ଦିଆଯାଏ। ଲେପ ପରେ ବିଭିନ୍ନ ରଙ୍ଗ ଲେପନ କରାଯାଇ ହାତୀ ମୁଣ୍ଡ ଓ ଟାହିଆ ପ୍ରସ୍ତୁତ କରାଯାଉଥିବା ବେଳେ ଟାହିଆ ପାଇଁ ଜରି, ଜମ୍ମୁରା, କଇଥ ଅଠା, ପଇତା ସୂତା ଓ ବାଉଁଶର ଆବଶ୍ୟକତା ଥିବା ଯୁବ କାରିଗର ସାହୁ ପ୍ରକାଶ କରିଛନ୍ତି।



ଶ୍ରୀ ଜୀଉଙ୍କ ହାତୀମୁଣ୍ଡ,ଟାହିଆ ନିର୍ମାଣରେ ନିମଗ୍ନ ଯୁବଶିଳ୍ପୀ ପ୍ରଶାନ୍ତ।

## ■ ଓଡ଼ଗାଁ କ୍ରିକେଟ ଲିଗ୍
## ଇଲେଭେନ ଏମ୍ପରର୍ସ ଫାଇନାଲରେ

ଓଡ଼ଗାଁ,୧୫।୬ (ସ୍ୱ.ପ୍ର.)

ସ୍ଥାନୀୟ ମିନି ଷ୍ଟାଡିୟମରେ ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଓଡଗାଁ କ୍ରିକେଟ୍ ଲିଗର ଶନିବାର ୫ମ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଟ୍ୟାଙ୍ଗ୍‌ସାଇନ ରୟାଲସ୍ ନିର୍ଦ୍ଧାରିତ ୧୦ ଓଭରରେ ୭ଉଇକେଟ ବିନିମୟରେ ୭୯ରନ କରିଥିଲା। ପ୍ରତିପକ୍ଷ ଛାମୁସ ଲାୟନ ୯ ଓଭରରେ ୫ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚରେ ସେମିଫାଇନାଲିଷ୍ଟ ଇଲେଭେନ ଏମ୍ପରର୍ସ ୧୫ ଓଭରରେ ୭ ଉଇକେଟ ହରାଇ ୧୧୭ ରନ କରିଥିଲା। ଏହି ଦଳ ପ୍ରତିପକ୍ଷ ଜୟ ଶ୍ରୀରାମ ଟିମ୍‌କୁ ୧୮ ରନରେ ହରାଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ଲିଟୁ ବାରିକ, ପ୍ରମୋଦ ପ୍ରଧାନ, ଚିତ୍ତ ରଥ, ସାଜନ ନାୟକ, କିଶନ ମହାରଣା, ଭବାନୀ ଦାସ, ଦିଗ୍‌ବିଜୟୀ ଦେବାଶିଷ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

## ଶିଖରପଙ୍ଗା ଗ୍ରାମବାସୀଙ୍କୁ ହାତୀ ଭୟ

ଦଶପଲ୍ଲା,୧୫।୬ (ଡି.ଏନ.ଏ.)

ଦଶପଲ୍ଲା ବନାଞ୍ଚଳ ଅଧୀନ ଚଡେୟାପଲ୍ଲୀ ସେକ୍ସନର ଶିଖରପଙ୍ଗା ଗାଁ ଲୋକଙ୍କୁ ଏବେ ହାତୀଭୟ ଘାରିଛି। ଗାଁ ନିକଟରେ ଏକ ହାତୀପଲ ରହିଥିବା ନେଇ ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଛନ୍ତି। ହାତୀପଲରେ ୭/୮ଟି ହାତୀ ଥିବା ଜଣାପଡିଛି। ବାଡିପଟେ ପଣସ ଗଛ ଥିବାବେଳେ ହାତୀମାନେ ପଣସ ଖାଇବାକୁ ଆସି ଘରଦ୍ୱାର ଭଙ୍ଗାରୁଜା କରିବା ଭୟରେ ରହିଛନ୍ତି ଗାଁ ଲୋକେ। ଅନ୍ୟପକ୍ଷରେ ବନ କର୍ମଚାରୀ ଗାଁ ନିକଟରେ ରହି ହାତୀଙ୍କ ଗତିବିଧି ଉପରେ ନଜର ରଖିଥିବା କହିଛନ୍ତି ବନାଞ୍ଚଳ ଅଧିକାରୀ।

# ନବବଧୂଙ୍କୁ ବିଷ ପିଆଇ ହତ୍ୟା

ରଣପୁର,୧୫।୬(ସ୍ୱ.ପ୍ର.)

### ସ୍ୱାମୀ, ଶାଶୁ, ଶ୍ୱଶୁର ଗିରଫ

ଗଣପର୍ବ ରଜକୁ ଝିଅ ବୋହୂମାନେ ଆନନ୍ଦ ଉଲ୍ଲାସରେ ପାଳନ କରୁଥିବାବେଳେ ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳରେ ପହିଲି ରଜରେ ଜଣେ ନବବଧୂଙ୍କୁ ଶାଶୁଘର ଲୋକେ ବିଷ ପିଆଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମହିଳାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରିଛି। ନବବଧୂ ଗତ ଚାରି ମାସ ତଳେ ପ୍ରେମ ବିବାହ କରିଥିଲେ।

ମୃତକ ହେଲେ ରଣପୁର ଖଟିଆ ସାହିର ରବି ପ୍ରଧାନଙ୍କ ସାନ ଝିଅ ସସ୍ମିତା ପ୍ରଧାନ(୧୯) । ଏ ନେଇ ଝିଅର ମା'ରଣପୁର ଥାନାରେ ଶାଶୁଘର ଲୋକେ ଝିଅକୁ ବିଷ ପିଆଇ ହତ୍ୟା କରିଥିବା ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ ୧୩୨/୧୯ରେ ମାମଲା ରୁଜୁ କରିଛି। ଶନିବାର ରଣପୁର ଥାନା ସବ୍‌ଇନ୍ସପେକ୍ଟର ପ୍ରୀତି ପ୍ରକାଶ ମହାନ୍ତି ବିଶେଷ ସୂତ୍ରରୁ ଖବର ପାଇ ଭୁବନେଶ୍ୱରରୁ ଝିଅର ସ୍ୱାମୀ ରମେଶ ପ୍ରଧାନ, ଶ୍ୱଶୁର ଭିକାରୀ ପ୍ରଧାନ, ଶାଶୁ ଭୂତି ପ୍ରଧାନଙ୍କୁ ଗିରଫ କରି ଥାନାକୁ ଆଣି ପଚରା ଉଚରା ଜାରି ରଖିଛନ୍ତି । ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବୈଦ୍ୟନାଥ ଭୋଇ ପ୍ରକାଶ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ କରାଯାଇ ଝିଅର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଅଭିଯୋଗ ଅନୁଯାୟୀ, ରଣପୁର ଖଟିଆ ସାହିର ସସ୍ମିତା ପ୍ରଧାନଙ୍କ ସହ ବେରକୂଅ ସାହିର ଭିକାରୀ ପ୍ରଧାନଙ୍କ ପୁଅ ରମେଶଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟ ପକ୍ଷରୁ ବିବାହ କରିବା ପାଇଁ ପରିବାରକୁ ଜଣାଇଥିଲେ ମଧ୍ୟ ସେମାନେ ରାଜି ହୋଇ ନ ଥିଲେ। ଏହାକୁ ବିରୋଧ କରି ଉଭୟ ଘରୁ ଲୁଚି ପଳାଇଥଲେ । ଗତ ୪ମାସ ତଳେ ପୁଅର ପରିବାର ଲୋକମାନେ ମଣିନାଗ ମନ୍ଦିରରେ ପ୍ରେମୀଯୁଗଳଙ୍କୁ ବିବାହ କରାଇ ଘରକୁ ଆଣିଥିଲେ । ହେଲେ ଝିଅ ଘର ତରଫରୁ ଏହି ବାହାଘରକୁ ଗ୍ରହଣ କରି ନଥିଲେ । କିଛି ଦିନ ଶାଶୁ ଘରେ ସସ୍ମିତା ଠିକ୍ ଭାବେ ଚଳୁଥିଲା ବେଳେ ପରବର୍ତ୍ତୀ ସମୟରେ ତାଙ୍କୁ ଯୌତୁକ ଆଣିବା ପାଇଁ ଶ୍ୱଶୁର ଘର ଲୋକମାନେ ବାଧ୍ୟ କରିଥିଲେ। ଏହାକୁ ନେଇ ବୋହୂ ଓ ଶାଶୁଘର ଲୋକଙ୍କ ମଧ୍ୟରେ ମନାନ୍ତର ମତାନ୍ତର ଆରମ୍ଭ ହୋଇଥିଲା । ଶୁକ୍ରବାର ସସ୍ମିତା ନିଜ ମା' ଲକ୍ଷ୍ମୀଙ୍କୁ ଫୋନ ଯୋଗେ ସବୁ କଥା ଜଣାଇଥିଲେ। ଏହା ଜାଣିବା ପରେ ଶାଶୁଘର ଲୋକମାନେ ରାଗି ଯାଇ ବୋହୂକୁ ଜୋର ଜବରଦସ୍ତ ବିଷ ପିଆଇ ମାରି ଦେବାକୁ ଉଦ୍ୟମ କରିଥିଲେ । ସାହିର କିଛି ଲୋକ ଏହା ଜାଣି ହସ୍ତକ୍ଷେପ କରିବା ପରେ ଶାଶୁଘର ଲୋକମାନେ ତୁରନ୍ତ ବୋହୂକୁ ରଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ୬ ନମ୍ବର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଶନିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି ।



ଗିରଫ ରମେଶଙ୍କ ସହ ତାଙ୍କ ମା' ବାପା।

## ■ ବିଶ୍ୱ ପିତୃଦିବସ ଉପଲକ୍ଷେ

# ବଦଳିଯାଉଛି ପିତା ଧର୍ମ ପିତା ସ୍ୱର୍ଗର ପରିଭାଷା

ଅଜୟ କୁମାର ମହାରଣା

ଖଣ୍ଡପଡା,୧୫।୬

ବାପାମାନଙ୍କୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଜୁନ ମାସର ତୃତୀୟ ରବିବାରକୁ ପିତୃଦିବସ ଭାବେ ପାଳନ କରାଯାଉଛି। ହାତ ଧରି ଯିଏ ଚାଲିବା ଶିଖାଏ, ସମ୍ବଳ ନ ଥାଇ ମୁଣ୍ଡଝାଳ ତୁଣ୍ଡରେ ମାରି ଯିଏ ପିଲାର ଭବିଷ୍ୟତ ପାଇଁ ଚିନ୍ତାକରେ, ଯାହାଙ୍କୁ ପାଖରେ ପାଇଲେ ଶତ ସିଂହର ବଳ ଆସେ, ସିଏ ଆମର ବାପା। ଏକାନ୍ନ ପରିବାରରେ ମୂଲ୍ୟବୋଧର ଅବକ୍ଷୟ ଯୋଗୁ ପିତୃତ୍ୱ ଆଜି ବିପନ୍ନ । ପରିବାର ବିଭକ୍ତୀକରଣ ପ୍ରକ୍ରିୟାରେ ଅନେକ ସ୍ଥାନରେ ମା' କିମ୍ବା ବାପାଙ୍କୁ ପିଲାମାନଙ୍କ ପାଖରେ ପାଳିକରି ରହିବାକୁ ପଡୁଛି। କାହିଁ କେଉଁ କାଳରୁ ରହିଆସିଥିବା ସେହି ମହାନ୍ ସଂସ୍କୃତି ପିତା ଧର୍ମଃ ପିତା ସ୍ୱର୍ଗଃ ପିତାହିଁ ପରମଂ ତପଃ, ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତାଃ । ଏପରି ଭାବ ଆମ ସମାଜରେ ସମ୍ପ୍ରତି ହଜିଯିବାକୁ ବସିଲାଣି । ଅନେକ ବାପା ଅଛନ୍ତି ଯେଉଁମାନଙ୍କ ପାଇଁ ପିତୃ ଦିବସ ମୂଲ୍ୟହୀନ। ପରିବାରରେ ରହିଥିଲେ ମଧ ସେମାନେ ଅବହେଳିତ ଓ ଉପେକ୍ଷିତ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ମତକୁ ନେଇ ଉପସ୍ଥାପନା।

### କ'ଣ କହନ୍ତି ଏମାନେ...



■ ପିତାଙ୍କୁ ସ୍ୱର୍ଗଠାରୁ ଅଧିକ ଭାବରେ ଗ୍ରହଣ କରିଛି ଭାରତୀୟ ସଂସ୍କୃତି । ସନ୍ତାନକୁ ମା' ଜନ୍ମ ଦେଲେ ମଧ ପିତାଙ୍କର ଭୂମିକା କିଛି କମ୍ ନୁହଁ । ସେଥିପାଇଁ କୁହାଯାଇଛି ପିତା ଥିବା ପୁତ୍ର ସଭାରେ ହାରେନା । କିନ୍ତୁ ବର୍ତ୍ତମାନ ଯୁଗରେ ଯେଉଁମାନେ ଉଚ୍ଚ ଶିକ୍ଷିତ ଓ ପ୍ରତିଷ୍ଠିତ ସେମାନେ ସେମାନଙ୍କ ପିତାଙ୍କୁ ହତାଦର କରୁଥିବା ଦେଖାଯାଉଛି । ପିତାଙ୍କ ବାର୍ଦ୍ଧକ୍ୟ ସମୟରେ ସେମାନଙ୍କୁ ବହୁ ଭାବରେ ଅବହେଳା କରାଯାଉଛି । ରାମଚନ୍ଦ୍ର ପିତୃ ସତ୍ୟ ପାଳନ କରି ବନବାସ ଯାଇ ଏକ ଆଦର୍ଶ ପୁତ୍ରର ପରିଚୟ ଦେଇଥିଲେ । ପିତୃ ଦିବସ ଗୋଟିଏ ଦିନ ପାଳନ କଲେ ହେବନି, ପିତାଙ୍କ ପ୍ରତି ପୁତ୍ରର ଯେଭଳି ଭାବେ ସମ୍ମାନ ପ୍ରଦର୍ଶନ କରିବା କଥା ତାହା ନ କଲେ ସେ ପୁତ୍ରର ଜୀବନରେ ଆଦୌ ଉନ୍ନତି ହେବ ନାହିଁ।

– ଗିରିଜା ଶଙ୍କର ତରାସିଆ, ବରିଷ୍ଠ ଆଇନଜୀବୀ ତଥା ସ୍ତମ୍ଭକାର



■ ଆମମାନଙ୍କ ଜନ୍ମଦାତା ଆମମାନଙ୍କୁ ଉପଯୁକ୍ତ ସଂସ୍କାର, ଶିକ୍ଷା ଦିଅନ୍ତି। ପିତାଙ୍କ ଅବଦାନ କୌଣସି ପୁତ୍ର କେବେ ବି ଶୁଝିପାରି ନ ଥାଏ । ମୋ ପାଇଁ ମୋ ବାପା ସବୁକିଛି। ମୁଁ ଯାହା ହୋଇଛି କେବଳ ତାଙ୍କରି ପାଇଁ । ଦୁର୍ଭାଗ୍ୟ ମୋର ୧୬ ବର୍ଷ ସମୟରେ ମୋ ବାପାଙ୍କ ଦେହାନ୍ତ ହୋଇଯାଇଥିଲା। ହେଲେ ସେ ଯେଭଳି ଖଣ୍ଡପଡାର ସେବା କରିବାର ବ୍ରତ ନେଇ କାର୍ଯ୍ୟ କରୁଥିଲେ ମୁଁ ତାଙ୍କରି ପଥ ଅନୁସରଣ କରିଚାଲିଛି। ଚେଷ୍ଟା କରୁଛି ତାଙ୍କ ସ୍ୱପ୍ନକୁ ସାକାର କରି ସେହି ମାଧ୍ୟମରେ ମୋର ଭକ୍ତିପୁତ ସମ୍ମାନ ଜଣାଇବା ପାଇଁ।

– ଅନୁଭବ ପଟ୍ଟନାୟକ, ପୂର୍ବତନ ବିଧାୟକ, ଖଣ୍ଡପଡା



■ ପିତୃତ୍ୱ ଏକ ପରୀକ୍ଷା, ପାରଦର୍ଶିତାର ପରିଭାଷା, ତ୍ୟାଗ ଓ ତିତିକ୍ଷାର ଅମ୍ଳାନ ଗାଥା। ପରିବାର ରୂପକ କୈଳାସ ପର୍ବତର ବାପା ହେଉଛନ୍ତି ମହାଦେବ ସଦୃଶ। ଯିଏ ବିଷ ପିଇ ଆମକୁ ଅମୃତ ପିଆଇଥାନ୍ତି । ଯାହା ପାଖେ ବାପା ଥାଆନ୍ତି ସେ ସବୁଠି ବାଜିମାତ୍ କରନ୍ତି। ଏଣୁ ସଂସାରର ସବୁ ବାପାଙ୍କ ଓଠରେ ହସ ଭରିଦେବା ହିଁ ସବୁ ସନ୍ତାନଙ୍କର ଜୀବନର ଲକ୍ଷ୍ୟ ହେଉ, ପିତୃତ୍ୱ ଦିବସରେ ମୋର ଏହାହିଁ କାମନା ।

– ରୁପାଲୀ ସାହୁ, ଛାତ୍ରୀ, ଓଡିଶା ଆଦର୍ଶ ବିଦ୍ୟାଳୟ



■ ଜୀବନରେ କିଛି ଦରକାର ନାହିଁ। ଖାଲି ସ୍ନେହ, ପ୍ରେମଟିକେ ଦରକାର। ଯେଉଁ ନୀତି, ଆଦର୍ଶରେ ରାମରାଜ୍ୟ ଗଠିତ ହୋଇଥିଲା, ଆଜି ସେହି ନୀତି ଆଦର୍ଶ କଥା ଉଠିଲେ ବାପାଙ୍କ କଥା ମନେପଡେ। ବାପା ଆଜି ଦୁନିଆରେ ନାହାନ୍ତି ସତ, କିନ୍ତୁ ତାଙ୍କର ସେହି ଦୁଇପଦ କଥା ମୋର ମନେ ଅଛି। ସେ କହୁଥିଲେ ଚାରିଧାମ ବୁଲିଲେ ଯେତିକି ପୂଣ୍ୟ ଅର୍ଜନ ହୋଇଥାଏ, ତା'ର ଦଶଗୁଣ ପୂଣ୍ୟ ମିଳିଥାଏ ମା'ବାପାଙ୍କ ସେବାରୁ।

– କ୍ଷୀରୋଦ କୁମାର ମହାପାତ୍ର, ହାଇଟେକ ହସ୍‌ପିଟାଲ, ଭୁବନେଶ୍ୱର